

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 DECEMBER 2023

Vol.No. 34 ■ No. 322■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡ଼ିଶାରୁ ଶହଶହ କୋଟି ମିଳିବା ଘଟଣା: କଡ଼ାଗଣ୍ଡା ଆଦାୟ ହେବ କହିଲେ ମୋଦି





ନୂଆଦିଲ୍ଲୀ, ୦୮/୧୨ : ଝାରଖଣ୍ଡରୁ ରାଜ୍ୟସଭାକୁ ଯାଇଥିବା ସାଂସଦ ଧୀରଜ ସାହୁଙ୍କ ୧୦ ଠିକଣାରେ ଆୟକର ରେଡ ଜାରି ରହିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ରେଡ୍ କହି ଶହଶହ କୋଟି ଟଙ୍କା ଜବତ କରି ସାରିଲାଣି। ଝାଡ଼ଖଣ୍ଡର ସାହୁ ଫ୍ୟାମିଲି ମାଲିକାନାରେ ଥିବା ବୌଦ୍ଧ ଡିଷ୍ଟିଲେରୀ ଓ ଅନ୍ୟାନ୍ୟ କମ୍ପାନୀ ଉପରେ ଆୟକର ଚଢ଼ଉରୁ ଆଖି ଖୋସି ହୋଇଯିବା ଭଳି ନଗଦ ଟଙ୍କା ମିଳିଛି। ବଲାଙ୍ଗିରର ସୁଦପଡ଼ା ଦେଶୀ ମଦ ଭାଟିରୁ ବୁଧବାର ପ୍ରାୟ ନଗଦ ୨୦୦କୋଟି ଟଙ୍କା ଆୟକର ବିଭାଗ ଜବତ କରିଥିଲା। ସେହିପରି ଗୁରୁବାର ଆଉ ୫୦ରୁ ୬୦କୋଟି ଟଙ୍କା ଜବତ ହୋଇଛି। ତେବେ ଓଡ଼ିଶାରେ ଗ୍ରେନ୍ ବେସଡ୍ (ଶସ୍ୟ ଆଧାରିତ) ମଦ ପ୍ରସ୍ତୁତ କରୁଥିବା ଏକମାତ୍ର କମ୍ପାନୀ ବୌଦ୍ଧ ଡିଷ୍ଟିଲେରୀ କିଭଳି ଏତେ କମ୍ ସମୟ ମଧ୍ୟରେ କୋଟି କୋଟି ଟଙ୍କା ଠୁଳ କରିଛି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଗୋଟିଏ ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶିତ ୨୦୦ କୋଟି ଟଙ୍କା ଜବତ ନ୍ୟୁଜକୁ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏଥିସହ ଜନତାଙ୍କ ଠାରୁ ଯାହା ବି ଲୁଟ ହୋଇଛି, ତା'ର କଡ଼ା ଗଣ୍ଡା ଆଦାୟ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି, "ଦେଶବାସୀ ନୋଟର ବିଡ଼ାକୁ ଦେଖନ୍ତୁ ଓ ଏହାପରେ ତାଙ୍କ ନେତମାନଙ୍କ 'ସଚ୍ଚୋଟ ପଣିଆ'ର ଭାଷଣ ଶୁଣନ୍ତୁ। ଜନତାଙ୍କ ଠାରୁ ଯାହା ଲୁଟା ଯାଇଛି, ତାକୁ କଡ଼ା ଗଣ୍ଡା ଫେରାଇବାକୁ ପଡ଼ିବ। ଏହା ମୋଦିଙ୍କର ଗ୍ୟାରେଣ୍ଟୀ।" ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ହାୱାଲା କାରବାର ନିମନ୍ତେ ଶହଶହ କଳାଟଙ୍କା ଠୁଳ କରାଯାଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଝାରଖଣ୍ଡର କଂଗ୍ରେସ ରାଜ୍ୟସଭା ସାଂସଦ ଧୀରଜ ପ୍ରସାଦ ସାହୁଙ୍କ ପରିବାରର ମାଲିକାନାରେ ▶▶ପୃଷ୍ଠା ୭

## ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଜେଡି ମନ୍ତ୍ରୀ-ବିଧାୟକଙ୍କ କି ସମ୍ପର୍କ, ଜବତ ଟଙ୍କା ବିଜେଡିର ନୁହେଁ ତ: ବିଜେପି

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଝାଡ଼ଖଣ୍ଡର ମଦ ବ୍ୟବସାୟୀ 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଜେଡିର ମନ୍ତ୍ରୀ ଓ ବିଧାୟକମାନଙ୍କର କି ସମ୍ପର୍କ ରହିଛି ? ଗତ ୩ଦିନ ଧରି ଓଡ଼ିଶାରେ ଆୟକର ଚଢ଼ଉବେଳେ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କଠୁ ଜବତ ନଗଦ ୫୦୦କୋଟି ଟଙ୍କା ଶାସକ ବିଜେଡିର ନୁହେଁ ତ? ନିର୍ବାଚନ ପରିଚାଳନା ପାଇଁ ବିଜେଡି ଏହି ଟଙ୍କା ଗଚ୍ଛିତ ରଖିନଥିଲା ତ? ଆଜି ଏଭଳି କିଛି ପ୍ରଶ୍ନ ପଚାରି ଶାସକ ବିଜେଡିକୁ ଟାର୍ଗେଟ୍ କରିଛି ବିଜେପି । ଆଉ ରାଜ୍ୟ ସରକାର ଯଦି ସ୍ୱଚ୍ଛ ତା'ହେଲେ ଏହି ମାମଲାର ତଦନ୍ତ ଭାର ସିବିଆଇକୁ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦାବି କରିଛି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ଅଣଓଡ଼ିଆ ବ୍ୟବସାୟୀମାନେ ଓଡ଼ିଶାର ଖଣି, ଚିଟଫଣ୍ଡକୁ ଲୁଟ୍ କରିଥିଲେ କିନ୍ତୁ ଏବେ ଅଣଓଡ଼ିଆ ମଦବେପାରୀମାନେ ଓଡ଼ିଶାକୁ ଲୁଟ୍ କରୁଛନ୍ତି । ଗତ ୩ ଦିନ ହେଲାଣି ଜଣେ ଅଣଓଡ଼ିଆ ମଦ ବେପାରୀଙ୍କଠାରୁ ୫୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ୍ କରାଯାଇଛି ଏବଂ ଏହା ଆଜି ମଧ୍ୟ ଜାରି ରହିଛି । ବାର୍ଷିକ ୧୨୦ କୋଟି ଟଙ୍କାର କାରବାର କରୁଥିବା 'ସାହୁ ବଦର୍ସ ଆଣ୍ଡ କୋ'ଙ୍କ ନିକଟକୁ ନଗଦ ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିଲା କେଉଁଠୁ ? ଏତେ ଟଙ୍କା କେଉଁଠୁ ଆସିଲା ଓ ଗୋଟିଏ ଜାଗାରେ କିପରି ଠୁଳ ହେଲା ? ଏହି ଜବତ ଟଙ୍କା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କର ନା ଏଥିରେ କାହାର କଳାଟଙ୍କା ସାମିଲ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଶ୍ରୀ ମହାପାତ୍ର ସିଧାସଳଖ ବିଜେଡି ମନ୍ତ୍ରୀମାନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ଯେ, 'ସାହୁ ବଦର୍ସ ଆଣ୍ଡ କୋ' ସହ ବୌଦ୍ଧ, ସୋନପୁର, ଟିଟିଲାଗଡ଼, ରାୟଗଡ଼ାରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀମାନଙ୍କ ସମ୍ପର୍କ ରହିଛି । ବରଗଡ଼ର ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ବିଧାୟକଙ୍କର ବି ସମ୍ପର୍କ ଅଛି । ମଦ ବ୍ୟବସାୟୀଙ୍କ ସହ ମନ୍ତ୍ରୀ ତଥା ଟିଟଲାଗଡ଼ ବିଧାୟକ ଟୁକୁନି ସାହୁଙ୍କ ଫଟୋ ▶▶ପୃଷ୍ଠା ୭

## ନୂଆ ବର୍ଷରୁ ଶ୍ରୀମନ୍ଦିରରେ ଲାଗୁ ହେବ ନୂଆ ନିୟମ



ପୁରୀ, ୦୮/୧୨ (ନି.ପ୍ର): ନୂଆବର୍ଷରୁ ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା ସମ୍ପୂର୍ଣ୍ଣ ବନ୍ଦ ରହିବ। ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନିୟମ କଡ଼ାକଡି ଲାଗୁ ହେବ। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ ବ୍ୟବସ୍ଥା ହେବ। ୩୧ ତାରିଖ ରାତିରେ ଆବଶ୍ୟକ ହେଲେ ରାତ୍ର ପହୁଡ଼ ହେବନି। ଶ୍ରୀମନ୍ଦିର ନୀତି ସବ୍ କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ନୀତି ସବ୍ କମିଟି ବୈଠକ ବସିଥିଲା। ଏଥିରେ ଆସନ୍ତା ୧୬ରୁ ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡ଼ା ୧୫ ତାରିଖରେ ପଡୁଥିବା ଧନୁ ସଂକ୍ରାନ୍ତି ଓ ଜାନୁଆରୀ ୨୫ ତାରିଖରେ ହେବାକୁ ଥିବା ଦେବାଭିଷେକ ନୀତି ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ଚୂଡାନ୍ତ ହୋଇଥିଲା। ପହିଲି ଭୋଗ ଆରମ୍ଭ ହେବା ଦିନଠାରୁ ରାତି ୨ଟାରେ ସିଂହଦ୍ୱାର ଫିଟାଯାଇ ଭୋର ୫ଟା ୨୦ରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ସମ୍ପନ୍ନ ହେବ। ପହିଲି ଭୋଗ ନୀତି ଚାଲିବା ସମୟରେ ନୂଆବର୍ଷ ପୂର୍ବଦିନ ୩୧ ତାରିଖ ପଡୁଥିବାରୁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ପଡିଲେ ରାତ୍ର ପହୁଡ ହେବନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଛନ୍ତି। ସେପଟେ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଜାନୁଆରୀ ୧ ତାରିଖରେ ଦିବା ପହୁଡ ▶▶ପୃଷ୍ଠା ୭

## ରେପୋ ରେଟ୍ ସ୍ଥିର ରହିବା ପରେ ପୁଞ୍ଜି ବଜାରରେ ଭିଡ଼: ରେକର୍ଡ କଲା ନିଫ୍ଟି

ନୂଆଦିଲ୍ଲୀ, ୦୮/୧୨ : କିଛି ଦିନର ବିରତି ପରେ ରେକର୍ଡକୁ ଫେରିଲା ନିଫ୍ଟି। ଆରବିଆଇ ଲଗାତର ପଞ୍ଚମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ପରେ ରେକର୍ଡ କରିଛି ନିଫ୍ଟି। ଆଜି(ଡିସେମ୍ବର ୮) ଭାରତୀୟ ବଜାରରେ ନିଫ୍ଟି ୨୧,୦୦୦-ମାର୍କରେ ପହଞ୍ଚିଛି। କ୍ରମାଗତ ପଞ୍ଚମ ଥର ପାଇଁ ଆରବିଆଇ ବ୍ୟାଙ୍କ ସୁଧ ହାର(ରେପୋ ରେଟ୍) ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବା ପରେ ବୃଦ୍ଧି ପାଇଛି ନିଫ୍ଟି। ମୁଦ୍ରାସ୍ଫିତିକୁ ଦୃଷ୍ଟିରେ ରଖି ଆଇବିଆଇ ନୀତି କମିଟି ଏହି ନିଷ୍ପତ୍ତି ନେଇଥିଲା। ଆରବିଆଇର ନିଷ୍ପତ୍ତି କ୍ରମେ ଲଗାତାର ପଞ୍ଚମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି। ଚଳିତ ଆର୍ଥିକ ବର୍ଷର ଜିଡିପି ୭ ପ୍ରତିଶତ ହୋଇପାରେ ବୋଲି ଆରବିଆଇ ସ୍ପଷ୍ଟ କରିଛି। ଯାହା ପରେ ଷ୍ଟକ୍ ମାର୍କେଟରେ ଜବରଦସ୍ତ ଅଭିବୃଦ୍ଧି ଦେଖାଯାଉଛି। ସେନସେକ୍ସ ୭୦ ହଜାର ଆଡକୁ ଗତି କରୁଥିବା ବେଳେ ନୂଆ ରେକର୍ଡ କରିଛି ନିଫ୍ଟି। ▶▶ପୃଷ୍ଠା ୭

## ଲୋକସଭାରୁ ବହିଷ୍କୃତ ହେଲେ ଟିଏମସି ସାଂସଦ ମହୁଆ ମୋଇତ୍ର



ନୂଆଦିଲ୍ଲୀ, ୦୮/୧୨ : ଲୋକସଭାରୁ ବହିଷ୍କୃତ ହେଲେ ଟିଏମସି ସାଂସଦ ମହୁଆ ମୋଇତ୍ର । ସଂସଦର ଏଥିକ୍ସ କମିଟି ରିପୋର୍ଟ ଆଧାରରେ ମହୁଆଙ୍କୁ ବହିଷ୍କୃତ କରାଯାଇଛି । ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏଥିକ୍ସ କମିଟିର ରିପୋର୍ଟରେ ଦର୍ଶାଯାଇଛି ଯେ, ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗ ବେଶ ଗମ୍ଭୀର । ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏଥିକ୍ସ କମିଟି ସୁପାରିଶ କରିଥିଲା । ଏପରିକି ତାଙ୍କ ସାଂସଦ ପଦ ରଦ୍ଦ କରିବାକୁ ସୁପାରିଶ କରିଥିଲା । ଯାହାକୁ ନେଇ ଲୋକସଭାରେ ଚର୍ଚ୍ଚା ହୋଇଥିଲା । ବିରୋଧୀ ସାଂସଦ ମହୁଆଙ୍କୁ ତାଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଉ ବୋଲି ଦାବି କରିଥିଲେ ମଧ୍ୟ ବାଚସ୍ପତି ଏହାକୁ ଗ୍ରହଣ କରିନଥିଲେ । ଏହି କାର୍ଯ୍ୟାନୁଷ୍ଠାନ ପରେ ବାଚସ୍ପତି କହିଛନ୍ତି, ମହୁଆ ମୋଇତ୍ରଙ୍କ ଆଚରଣ ଅନୈତିକ । ▶▶ପୃଷ୍ଠା ୭

## ୪୮୦୪କୋଟି ଟଙ୍କାର ୧୯ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ




ଭୁବନେଶ୍ୱର, ୦୮/୧୨ (ନି.ପ୍ର): ରାଜ୍ୟରେ ୪୮୦୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୧୯ଟି ପ୍ରକଳ୍ପକୁ ଆଜି ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଅତିରିକ୍ତ ୧୭୫୫୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି । ଆଜି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ମୋଟ ୪୮୦୪.୩୫କୋଟି ଟଙ୍କାର ୧୯ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ପୋଷାକ ଓ ବୟନଶିଳ୍ପ, ଇସ୍ପାତ ଡାଉନଷ୍ଟ୍ରିମ, ପେଣ୍ଟ(ରସାୟନିକ), ପ୍ଲାଷ୍ଟିକ, ପ୍ୟାକେଜିଂ-ମେଟାଲ, ଡାଉନଷ୍ଟ୍ରିମ, ଅକ୍ଷୟ ଶକ୍ତି, ସର୍କୁଲାର ଅର୍ଥନୀତି, ଭିତ୍ତିଭୂମି, ଆଇଟି, କୃଷି ପ୍ରକ୍ରିୟାକରଣ, ଖାଦ୍ୟ-ପାନୀୟ ଓ ଆନୁସଙ୍ଗିକ କ୍ଷେତ୍ର ଭଳି ପ୍ରମୁଖ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ହେବ । ରାଜ୍ୟରେ ୧୦ଟି ଜିଲ୍ଲାରେ ଏସବୁ ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡ଼ିଛି । ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ପାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ାଠାରେ ଓ୍ୱେଲସ୍ପିନ୍ ଲିଭିଂ ଲିମିଟେଡ୍ ୨୦୦କୋଟି ▶▶ପୃଷ୍ଠା ୭

## ମିଜୋରାମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଲାଲଦୁହୋମା



ମିଜୋରାମ, ୦୮/୧୨ : ଶପଥ ନେଲେ ଲାଲଦୁହୋମା। ମିଜୋରାମ ମୁଖ୍ୟମନ୍ତ୍ରୀ ଭାବେ ଜୋରମ ପିପୁଲ୍ସ ମୁଭମେଣ୍ଟ ମୁଖ୍ୟ ଲାଲଦୁହୋମା ଆଜି ଶପଥ ନେଇଛନ୍ତି। ଦଳର ନବ ନିର୍ବାଚିତ ବିଧାୟକ ଭାନଲାଲୁରୁତା ମଧ୍ୟ ରାଜ ଭବନରେ କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ମିଜୋ ନ୍ୟାସନାଲ ଫ୍ରଣ୍ଟ(ଗଘର)ର ବିଦାୟୀ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ମଧ୍ୟ ଉପସ୍ଥିତ ଥିଲେ। କେବଳ ବିଦାୟୀ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ଗଘର ଦଳର ସମସ୍ତ ବିଧାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଗତ ସୋମବାରର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ୪୦ଟି ଆସନ ବିଶିଷ୍ଟ ଏହି ବିଧାନସଭାରେ ମ୍ୟାଜିକ୍ ନଂ ୨୧ ଥିବାବେଳେ ୨୭ଟି ସିଟ୍ ସହ ବିଜୟୀ ହୋଇଥିଲା ଡଚଗ। ଏହାପରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଢିବା ନେଇ ପ୍ରସ୍ତାବ ଦେଇଥିଲେ ପାର୍ଟି ମୁଖ୍ୟ ଲାଲଦୁହୋମା। ରାଜ୍ୟପାଳଙ୍କ ଅନୁମତି ଏବଂ ବିଧାୟକ ଦଳ ବୈଠକରେ ସର୍ବସମ୍ମତି କ୍ରେମେ ମୁଖ୍ୟମନ୍ତ୍ରୀ ଭାବେ ଲାଲଦୁହୋମା ଶପଥ ନେଇଛନ୍ତି। ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲାଲଦୁହୋମା କହିଥିଲେ, କୃଷିଜାତ ଦ୍ରବ୍ୟ କିଣିବା ଆମର ପ୍ରାଥମିକତା ହେବ। ଏଥିପାଇଁ ଆମେ ଚାରୋଟି ଆଇଟମ୍ ମଧ୍ୟ ଚୟନ କରିସାରିଛୁ ବୋଲି ଲାଲଦୁହୋମା କହିଥିଲେ।

## ୧୪ରେ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଆସନ୍ତା ୧୪ ତାରିଖରେ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନଠାରେ କାର୍ଯ୍ୟକାରିଣୀ ବୈଠକ ବସିବ। ତେବେ ବୈଠକରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସମ୍ପର୍କରେ ଘୋଷଣା ହେବାର ସମ୍ଭାବନା ରହିଛି।

## ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ବାଛିବା ପାଇଁ ପର୍ଯ୍ୟବେକ୍ଷକ ନିୟୋଜିତ




ନୂଆଦିଲ୍ଲୀ, ୦୮/୧୨ : ତିନି ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ଚୟନ ପାଇଁ ଘୋଷଣା ହେଲେ ବିଜେପିର ୯ଜଣ ପର୍ଯ୍ୟବେକ୍ଷକ। ରାଜସ୍ଥାନ ପାଇଁ ତିନି ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି । ଦାୟିତ୍ୱରେ ଅଛନ୍ତି ରାଜନାଥ ସିଂହ, ବିନୋଦ ତାୱ୍ଡେ ଓ ସରୋଜ ପାଣ୍ଡେ । ସେହିପରି ମଧ୍ୟପ୍ରଦେଶ ପାଇଁ ମନହୋରଲାଲ, କେ ଲକ୍ଷ୍ମଣ ଓ ଆଶା ଲକ୍ରାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି । ଛତିଶଗଡରେ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଅର୍ଜୁନ ମୁଣ୍ଡା, ସର୍ବାନନ ସୋଁନ୍ୱାଲ ଓ ଦୁଷ୍ୟନ୍ତ ଗୌତମଙ୍କୁ ଦାୟିତ୍ୱ ମିଳିଛି । ୫ରାଜ୍ୟ ବିଧାନସଭା ନିର୍ବାଚନରେ ହିନ୍ଦୀ ହାର୍ଟଲ୍ୟାଣ୍ଡ କୁହାଯାଉଥିବା ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ରେ ବାଜିମାତ୍ କରିଛି ବିଜେପି । କିନ୍ତୁ ଏପର୍ଯ୍ୟନ୍ତ ଦଳ ତିନି ରାଜ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିପାରିନାହିଁ । ଗୁରୁବାର ବିଜେପିର ସଂସଦୀୟ ଦଳ ବୈଠକରେ ମଧ୍ୟ ଏନେଇ କୌଣସି ନିଷ୍ପତି ହୋଇନାହିଁ । ଶେଷରେ ଦଳ ୩ ରାଜ୍ୟ ପାଇଁ ଶୁକ୍ରବାର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ସୂଚନା ଅନୁସାରେ ସେମାନେ ପର୍ଯ୍ୟବେକ୍ଷକମାନେ ବିଜୟୀ ବିଧାୟକଙ୍କ ସହ ଆଲୋଚନା କରିବେ। ବିଧାୟକମାନେ କାହାକୁ ନିଜର ନେତା ବୋଲି ବାଛିବାକୁ ଚାହୁଁଛନ୍ତି, ତାର ଏକ ବିସ୍ତୁତ ରିପୋର୍ଟ ହାଇକମାଣ୍ଡକୁ ହସ୍ତାନ୍ତର କରାଯିବ । ଏହା ପରେ ତିନି ରାଜ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରାଯିବ । ▶▶ପୃଷ୍ଠା ୭

## ଆୟକର ଚଢଉକୁ ନେଇ ବିଜେପିର ବକ୍ତବ୍ୟ ହାସ୍ୟାସ୍ପଦ: ବିଜେଡି

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଆୟକର ବିଭାଗର ଚଢାଉ ନେଇ ରାଜ୍ୟ ବିଜେପି ନେତା ସାମ୍ବାଦିକ ସମ୍ମିଳନୀକୁ ଟାର୍ଗେଟ୍ କରିଛି ବିଜେଡି। ବିଜେଡି ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ କହିଛନ୍ତି ଝାଡଖଣ୍ଡର ବିଜେପି ନେତାମାନେ କହୁଛନ୍ତି ମିଳିଥିବା ଟଙ୍କା କଂଗ୍ରେସର। ଅନ୍ୟ ପକ୍ଷରେ କଂଗ୍ରେସ ନେତାମାନେ କହୁଛନ୍ତି ଜବତ ହେଉଥିବା ଟଙ୍କା ବିଜେପି ନେତାଙ୍କର। ଉଭୟ ପରସ୍ପରକୁ ଦୋଷ ଦେଉଛନ୍ତି । ଲାଗୁଛି ବୋଧହୁଏ ଉଭୟ ବିଜେପି ଓ କଂଗ୍ରେସ ଦଳର ନେତା ନିଜ ନିଜର ଟଙ୍କାକୁ ବ୍ୟବସାୟୀଙ୍କ ଜରିଆରେ ଠୁଳ କରି ରଖୁଥିଲେ। ବିଜୁ ଜନତା ଦଳ ସର୍ବଦା ଆଇନକୁ ସମ୍ମାନ ଦେଇଥାଏ। ଆୟକର ବିଭାଗ ପକ୍ଷରୁ କରାଯାଇଥିବା ଚଢାଉକୁ ଆମେ ସ୍ୱାଗତ କରୁଛୁ। ମିଳିଥିବା ଟଙ୍କା ଏବଂ ବ୍ୟବସାୟୀଙ୍କ ସହ ବୋଧହୁଏ ପଶ୍ଚିମଓଡିଶାର କିଛି ବିଜେପି ନେତାଙ୍କ ସମ୍ପର୍କ ରହିଛି।

# ପାହାଡ଼ ଉପରେ ଶିକ୍ଷା: ସ୍କୁଲ ପରିସରରେ ଦିନବେଳା ବିଚରଣ କରୁଛନ୍ତି ସାପ ଓ ଜଂଗଲି ଜନ୍ତୁ



ରାୟଗଡା, ୦୮/୧୨ (ନି.ପ୍ର): ସରକାରୀ ଟଂକାଙ୍କୁ କିପରି ପାଣିରେ ପକାଯାଉଛି ତାହାର ଜ୍ୱଳନ୍ତ ଉଦାହରଣ ରାୟଗଡା ଜିଲ୍ଲାରେ ଦେଖିବାକୁ ମିଳିଛି। ରାୟଗଡ଼ା ସଦର ବ୍ଲକର ହାଲବା ପଞ୍ଚାୟତରେ ପାହାଡ଼ ଉପରେ ବିଦ୍ୟାଳୟ ନିର୍ମାଣ କରାଯାଇଛି। ପିଲାମାନେ ବଡ଼ କଷ୍ଟରେ ୧ କିଲୋମିଟର ଦୂରରେ ଥିବା ଜଙ୍ଗଲ ରାସ୍ତାରେ ସ୍କୁଲକୁ ଯାଇ ପହଞ୍ଚୁଛନ୍ତି। ବିଭାଗୀୟ ଅଧିକାରୀ, ଠିକାଦାର ଏବଂ ଶିକ୍ଷା ବିଭାଗର ଉଚ୍ଚପଦାଧିକାରୀମାନେ ମିଳିମିଶି କିପରି ସରକାରୀ ଟଂକାକୁ ଅପବ୍ୟବହାର କରିଛନ୍ତି ତାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ। ସରକାରୀ ଟଂକାକୁ ଏଭଳି ଅପବ୍ୟବହାର କରାଯାଇଥିବ, ତାହାକୁ ନିଜେ ଜିଲ୍ଲାପାଳ ମଧ ବିଶ୍ୱାସ କରିନପାରି ନିଜେ ଏହାକୁ ଦେଖିବାକୁ ଯାଇ ଆଶ୍ଚର୍ଯ୍ୟ ହୋଇଥିଲେ। ଟଂକାର ଅପବ୍ୟବହାର ଦେଖି ଏଥିରେ ସାମିଲ ଥିବା ସମସ୍ତ ଅଧିକାରୀ, ଠିକାଦାରଙ୍କ ଠାରୁ ଟଂକା ଆଦାୟ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ଏହି ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟର କୋଠାଘର ପାଇଁ ହାଲବାଠାରେ ଗତ ୧୦ ବର୍ଷ ତଳେ ପ୍ରାୟ ୭୫ ଲକ୍ଷ ଟଂକା ମଞ୍ଜୁର ହୋଇଥିଲା। ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ସ୍କୁଲ ପାଇଁ ଜାଗା ବଛାଯାଇଥିଲା ପାହାଡ ଉପରେ।ପ୍ରାୟ ଏକ କିଲୋମିଟର ପାହାଡ଼ ଉପରେ ଘଂଚ ଜଂଗଲ ମଧ୍ୟରେ ସ୍କୁଲର କୋଠାଘର ନିର୍ମାଣ କରାଗଲା। ଏହି ସ୍କୁଲକୁ ଯିବାକୁ ହେଲେ ଏକ କିଲୋମିଟର ପାହାଡ଼ ଚଢ଼ିବାକୁ ପଡ଼ିବ। ରାସ୍ତା ନାହିଁ। ଜଂଗଲିଆ ରାସ୍ତାରେ ଚାଲି ଚାଲି ଯିବାକୁ ପଡ଼ିବ, ଯେଉଁଠାରେ ସ୍କୁଲଟି ନିର୍ମାଣ କରାଗଲା ସେଠାରେ ନା ପିଇବା ପାଣିର ବ୍ୟବସ୍ଥା ଅଛି ନା ବିଦ୍ୟୁତ ସଂଯୋଗ ହୋଇଛି। ସ୍କୁଲ ନିକଟରେ ଯେଉଁ ନଳକୂପ ଟିଏ ଖୋଳାଗଲା ସେଥିରେ ପାଣି ବାହାରିଲା ନାହିଁ। କାରଣ ପାହାଡ଼ ଉପରେ ନଳକୂପ ଖୋଳିବା କେତେ ଯେ କଷ୍ଟକର ତାହା ନଦେଖିଲେ ଜାଣି ହେବ ନାହିଁ। ବିଭାଗୀୟ ଅଧିକାରୀ, ଠିକାଦାର ଏବଂ ଶିକ୍ଷା ବିଭାଗର ଉଚ୍ଚପଦାଧିକାରୀ କିପରି ପାହାଡ଼ ଉପରେ ସ୍କୁଲ ନିର୍ମାଣ କରିବା ନେଇ ପ୍ରସ୍ତାବ ଦେଲେ ଏବଂ ଏତେ ଉଚ୍ଚରେ ବିପଦପୂର୍ଣ୍ଣ ସ୍ଥାନରେ ସ୍କୁଲ ନିର୍ମାଣ ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍କୁଲଟି ପାହାଡ଼ ଉପରେ ଏବଂ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ଅସୁରକ୍ଷିତ ସ୍ଥାନକୁ ପଠାଇବାକୁ ସଂପୂର୍ଣ୍ଣ ମନା କରିଦେଇଥିଲେ। ଚାରିଆଡେ ଘଂଚ ଜଂଗଲ ଥିବାରୁ ସାପଙ୍କ ପାଦୁର୍ଭାବ ବେଶୀ ରହିଛି। ସେହିପରି ପାହାଡ଼ରେ ସ୍କୁଲ ଥିବାରୁ ଜଂଗଲି ଜନ୍ତୁ ମଧ ଦିନ ବେଳା ବିଚରଣ କରନ୍ତି। ଏତେ ସବୁ ସମସ୍ୟା ଭିତରେ କିପରି ଏତେ ଟଂକାର କୋଠାଘର ନିର୍ମାଣ ହେଲା ତାହାକୁ ନେଇ ସବୁ ମହଲରେ ଚର୍ଚ୍ଚା ଲାଗି ରହିଛି। ଏହି ସ୍କୁଲଟି ଭଙ୍ଗା ଦଦରା ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହି ସ୍କୁଲରେ ସ୍ଥାନୀୟ ଲୋକେ ନିଜର ଘର କରିବା ସହ ସ୍କୁଲ ରୁମଗୁଡିକରେ କପା, ଧାନ ଗଚ୍ଛିତ କରି ରଖିଛନ୍ତି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଏହି ସ୍କୁଲ କୋଠାଘରକୁ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏତେ ଦୂର ପାହାଡ଼ ଉପରେ ସ୍କୁଲ କରାଯାଇଥିବାରୁ ଏହା ସୁରକ୍ଷିତ ନଥିବା ମଧ ସେ କହିଥିଲେ। ଅନ୍ୟଦିଗରେ ହାଲବା ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ ସେ ସ୍କୁଲ ନିର୍ମାଣର ସମସ୍ତ ବିବରଣୀ ବଖାଣିଥିଲେ। ପାହାଡ଼ ଉପରେ କିପରି ସ୍କୁଲ ଗୃହ ନିର୍ମାଣ ହେଲା ଏବଂ କିପରି ପିଲାଙ୍କୁ ଏତେ ଦୂର ଚଲାଇ ନେବେ ତାକୁ ନେଇ ସେ ପ୍ରଶ୍ନ କରିଥିଲେ। ତେବେ ସ୍କୁଲ ଗୃହ ନିର୍ମାଣ ନେଇ ଜାଗା ଦେବା ପାଇଁ ତହସିଲଦାରଙ୍କ ନିକଟରେ ଦରଖାସ୍ତ ଦିଆଯାଇଥିବା ଶ୍ରୀ ମିଶ୍ର କହିଥିଲେ। ଏହି ସ୍କୁଲ ଗୃହକୁ ଦେଖି ଦିନେ ଜିଲ୍ଲାପାଳ ଶ୍ରୀ ମିଶ୍ରଙ୍କୁ ତାଗିଦ କରିଥିଲେ। କିନ୍ତୁ ସେ ନିଜେ ସ୍କୁଲ ଗୃହ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତୁରନ୍ତ ଏଥିରେ ସାମିଲ ଥିବା ସମସ୍ତ ଅଧିକାରୀ ଏବଂ ଠିକାଦାରଙ୍କ ଠାରୁ ଟଂକା ଆଦାୟ ନେଇ ନିର୍ଦ୍ଦେଶ ଦେବା ସହ ଉଦବେଗ ପ୍ରକାଶ କରିଥିଲେ।

# ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗିର, ୦୮/୧୨ (ନି.ପ୍ର): ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ତିନିଦିନିଆ ବଲାଙ୍ଗୀର ଗସ୍ତରେ ଆସି ବିଭିନ୍ନ ସ୍କୁଲ, କସ୍ତୁରୀବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଋତୁକାଳୀନ ବିଦ୍ୟାଳୟ, ସିସିଆଇ,ଏସ୍ଏସ୍ ଆଇ ଏବଂ ପୋଲିସ ଷ୍ଟେସନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶିକ୍ଷା ସହିତ ଶିଶୁ ମାନଙ୍କର ସୁରକ୍ଷା କଥା କୁ ଦୃଢ଼ତାର ସହିତ ରିଭ୍ୟୁ କରିଥିଲେ। ପ୍ରାୟ ଜାଗାରେ ଥିବା ଟଏଲେଟ , ଗାଧୁଆଘର ଏବଂ କୋଠା ଗୁଡ଼ିକ ବ୍ୟବହାର ପାଇଁ ଅନୁପଯୋଗୀ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦଳ ଙ୍କୁ ସଙ୍ଗେ ସଙ୍ଗେ ସେ ଉପରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଶିକ୍ଷକ ଏବଂ ଶିଶୁ ମାନଙ୍କୁ ନେଇ ବିଭିନ୍ନ ତାଲିମ ଆୟୋଜନ କରିବା ପାଇଁ କହିଥିଲେ। ମଙ୍ଗଳବାର ଦିନ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ରେ ସାତ ଗୋଟି ଜିଲ୍ଲା କୁ ନେଇ ସ୍ଥାନାନ୍ତରଣ ତଥା ଅନ୍ୟାନ୍ୟ ଅସୁରକ୍ଷିତ ଶିଶୁ ମାନଙ୍କ ସୁରକ୍ଷା ତଥା ସେମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ରେ ଅନ୍ତର୍ଭୁକ୍ତିକରଣ ଉପରେ ୭ ଟି ଦାଦନ ପ୍ରବଣ ଜ଼ିଲ୍ଲା ବଲାଙ୍ଗୀର , ନୂଆପଡା, ବରଗଡ, କଳାହାଣ୍ଡି , ବୌଦ୍ଧ, ସୁବର୍ଣ୍ଣପୁର ଏବଂ ସମ୍ବଲପୁର କୁ ନେଇ ଏକ ସଚେତନତା କର୍ମଶାଳା କୁ ଉଦ୍ଘାଟନ କରିଥିଲେ । ଏଡ଼ଏଟ ଆକ୍ସନର ନିର୍ଦେଶକ ଉମି ଡାନିଏଲ କହିଥିଲେ ଯେ ପଶ୍ଚିମ ଅଂଚଳ ଜିଲ୍ଲାରେ ପରିବାର ସହିତ ଋତୁକାଳୀନ ଶ୍ରମ ସ୍ଥାନାନ୍ତରଣ ଏକ ବ୍ୟାପକ ଘଟଣା। ବହୁସଂଖ୍ୟକ ଶିଶୁ ନିଜ ବାପାମାଆ ଙ୍କ ସହ ଇଟାଭାଟିକୁ ଯାଆନ୍ତି ଓ ଯେଉଁମାନେ ଗାଁରେ ରୁହନ୍ତି ସେମାନେ ବାପା ମା ନଥିବାରୁ ଅନେକ ସମୟରେ ଅସୁରକ୍ଷିତ ହୋଇପଡନ୍ତି । ଏହାବ୍ୟତୀତ, କୋଭିଡ ପରବର୍ତ୍ତୀ ପରିସ୍ଥିତିରେ ବିଭିନ୍ନ ପ୍ରକାର ବିପଦ,ଶୋଷଣ ଏବଂ ଅସୁବିଧା ର ସମ୍ମୁଖୀନ ହେଉଥିବା ଶିଶୁଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି। ସେ ରାଜ୍ୟରେ ଶିଶୁ ମାନଙ୍କ ପ୍ରତି ଅପରାଧ ନିମନ୍ତେ ଆହ୍ୱାନର ମୁକାବିଲା ପାଇଁ ଏକ ବ୍ୟାପକ ସମନ୍ୱୟ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିଶୁ ଅଧିକାର କମିଶନ ଅଧକ୍ଷା ମନ୍ଦାକିନୀ କର କହିଥିଲେ ଯେ ଓଡିଶାର ପଶ୍ଚିମ ଜିଲ୍ଲାରେ ଶିଶୁମାନଙ୍କୁ ପ୍ରଭାବିତ କରୁଥିବା ଆହ୍ୱାନର ମୁକାବିଲା ପାଇଁ ସରକାର ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗୀର ଜ଼ିଲ୍ଲା ଅତିରିକ୍ତ ଜ଼ିଲ୍ଲାପାଳ ଧାରୁଆ, ଅତିରିକ୍ତ ଏସପି ଶ୍ରୀ ସୁରେଶ ଚନ୍ଦ୍ର ନାୟକ ତାଙ୍କର ସୁଚିନ୍ତିତ ମତାମତ ରଖିଥିଲେ । ବିଭିନ୍ନ ଜ଼ିଲ୍ଲା ରୁ ଆସିଥିବା ସରକାରୀ ଅଫିସର ମାନେ ସେମାନଙ୍କ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପଗୁଡିକୁ କହିଥିଲେ ।

# କୁଡୁମୁଲୁଗୁମ୍ମା ଡ଼ିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ମାଲକାନଗିରି, ୦୮/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଡ଼ାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜ଼ିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ନିଯୁକ୍ତି ମେଳାରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ସୀମା ସୁରକ୍ଷା ବାହିନୀର ଡେପୁଟି କମାଣ୍ଡାଂଟ ଶୁଭଞ୍ଜନ ମହାପାତ୍ର, ସହକାରୀ କମାଣ୍ଡାଂଟ ପ୍ରମୋଦ କୁମାର, ଖଇରପୁଟ ଜୋନ ର ଜିଲ୍ଲା ପରିଷଦ ସଭ୍ୟ ବଲି ମାଝୀ, ଖଇରପୁଟ ବି.ଡି.ଓ ଉମାଶଙ୍କର କୋୟା, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ହରିଶ ରୂପଲା, ବଣ୍ଡା ଉନ୍ନୟନ ସ୍ୱତନ୍ତ୍ର ଅଧିକାରୀ ସଲମାନ ରାଇକିଆ, ଦିଦାୟୀ ଉନ୍ନୟନ ସ୍ୱତନ୍ତ୍ର ଅଧିକାରୀ କିରଣ ନାୟକ, ମହାବିଦ୍ୟାଳୟର ପ୍ରିନସିପାଲ ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ନିଯୁକ୍ତି ଅଧିକାରୀ ମନସ୍ୱି ସେଠି ପରିଚାଳନା କରିଥିଲା ବେଳେ ଓ.ଏଲ.ଏମ. ଅଧିକାରୀ ଚିନ୍ମୟ କୁମାର ସିଂ ଶବ୍ଦ ସଂଯୋଜନା ଦେଇଥିଲେ। ସର୍ବପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ନିଜର ଉଦବୋଧନରେ ବିଏସଏଫ ଅଧିକାରୀ ଶ୍ରୀ ମହାପାତ୍ର କହିଥିଲେ ଯେ, ଗ୍ରାମାଚଂଳ ଗୁଡିକରେ ଏଭଳି ନିଯୁକ୍ତି ମେଳା ହେବା ଦ୍ୱାରା ବହୁ ସଂଖ୍ୟାରେ ବେକାର ଯୁବକ ଓ ଯୁବତୀ ମାନେ ବିଭିନ୍ନ କମ୍ପାନୀରେ ନିଯୁକ୍ତ ହେବା ସହ ଆର୍ଥିକ କ୍ଷେତ୍ରରେ ମଧ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଜିଲ୍ଲା ନିଯୁକ୍ତି ଅଧିକାରୀ ଶ୍ରୀ ସେଠି କହିଛନ୍ତି ଯେ, ଏହାଦ୍ୱାରା ଗରିବ ଓ ବେକାରୀ ସମସ୍ୟା କିଛି ମାତ୍ରାରେ ଦୂରୀଭୂତ ହେବା ସହିତ ବେକାର ଯୁବକ ମାନେ ଅର୍ଥ ରୋଜଗାର କରି ନିଜର ପରିବାର ପ୍ରତି ପୋଷଣରେ ସହାୟକ ଭୂମିକା ନିଭେଇ ପାରିବେ। ଏହି ମେଳାରେ ସମୁଦାୟ ୧୬ ଟି କମ୍ପାନୀ ଭାଗ ନେଇଥିଲେ ଓ ଏଥିରେ ୭୩୦ ଜଣ ଯୁବକ ଓ ଯୁବତୀ ପଞ୍ଜିକୃତ କରିଥିବା ଜଣାପଡିଛି। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ନିଯୁକ୍ତି ଅଧିକାରୀ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେବା ସହ ନୂତନ ପଞ୍ଜିକୃତ ଯୁବକ /ଯୁବତୀ ମାନଙ୍କୁ ଅଭିନନ୍ଦନ ଜଣାଇ ସଭାସଙ୍ଗ କରିଥିଲେ।

# କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି : ଉଚ୍ଚଶିକ୍ଷା ପାଇଁ ଗଲେ ୧୫, ଯିବା ପ୍ରସ୍ତୁତିରେ ଆଉ ୫

ଜୟପୁର, ୦୮/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ଦେଖାଦେଇଛି ଡାକ୍ତର ମରୁଡ଼ି। ଉଚ୍ଚଶିକ୍ଷା ପାଇଁ ୧୫ ଜଣ ଗଲେଣି। ଆଉ ୫ ଜଣ ଯିବା ପ୍ରସ୍ତୁତିରେ ରହିଛନ୍ତି। ଏମାନଙ୍କର ଆଉ ଦିନେ ଦୁଇ ଦିନ ମଧ୍ୟରେ ତାଲିକା ବାହାରିବା ପରେ ଏଠାରୁ ଚାଲିଯିବେ। ୧୩୧ ଜଣ ଡାକ୍ତର ରହିବା ସ୍ଥାନରେ ଡିଏମଓ ଓ ସୁପରିଟେଣ୍ଡେଂଟ ଆଦିଙ୍କୁ ମିଶାଇ ଏବେ ରହିଛନ୍ତି ମାତ୍ର ୪୨ ଜଣ। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୦୧୮ମସିହାରେ କୋରାପୁଟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର–ବୋରିଗୁମ୍ମା ଜାତୀୟ ରାଜପଥର ଫୁଲବାଡ଼ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ମାତୃ ଓ ଶିଶୁ କଲ୍ୟାଣ ଓ୍ୱାର୍ଡକୁ ସ୍ଥାନାନ୍ତର ହୋଇଥିଲା। ଅଂଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଏହାର ଉଦ୍ଦେଶ୍ୟ ଥିଲା। ଧାର୍ଯ୍ୟସଂଖ୍ୟକ ବିଶେଷଜ୍ଞ ଡାକ୍ତର ଏଠାରେ ନିଯୁକ୍ତ ହେବା ସହ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା କରିଥିଲେ। ତେବେ ତାହା ଏ ପର୍ଯ୍ୟନ୍ତ ହୋଇପାରିନି। ଅପରପକ୍ଷରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଯେଉଁ ଧାର୍ଯ୍ୟ ସଂଖ୍ୟକ ପାରା ମେଡିକାଲ ଷ୍ଟାଫ, ଏମବିବିଏସ୍ ଡାକ୍ତର ଏବଂ ବିଶେଷଜ୍ଞ ଡାକ୍ତର, ଷ୍ଟାଫ ନର୍ସ, ଟେକ୍ନିସିୟାନ, ଆଟେଣ୍ଡାଂଟ , ଫାର୍ମାଶିଷ୍ଟ ଭଳି ପଦବି ମଧ ପୂରଣ ହୋଇ ପାରିନଥିଲା। ଯଦିଓ ପ୍ରସୂତି ଓ ସ୍ତ୍ରୀ ବିଶେଷଜ୍ଞ, ଭେଷଜ, ସର୍ଜରୀ, ଚକ୍ଷୁ ଆଦି ବିଶେଷଜ୍ଞ ରହିଥିଲେ ହେଁ ରେଡିଓଲୋଜୀ, କାର୍ଡିଆକ୍, ନ୍ୟୁରୋଲୋଜି ଭଳି ବହୁ ଜରୁରୀ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଡିଏଚଏଚରେ ବିଶେଷଜ୍ଞ ଓ ସାଧାରଣ ଡାକ୍ତର ମିଶାଇ ୧୩୧ଟି ପଦବୀ ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି। ଉପଖଣ୍ଡ ଡାକ୍ତରଖାନା ଜୟପୁରରେ ଥିବା ସମୟରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ଡିଏଚଏଚ ହେବା ପରେ ତାହା ଦୂର ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ବି ହୋଇ ପାରିନି। ବହୁ କଷ୍ଟରେ ୫୭କୁ ଡାକ୍ତର ସଂଖ୍ୟା ପହଚିଂଥିବା ବେଳେ ୧୫ ଜଣ ଉଚ୍ଚଶିକ୍ଷା ପଢ଼ିବାକୁ ଯିବା ପରେ ପୁଣି ଯଥାପୂର୍ବଂ ତଥା ପରଂ ଅବସ୍ଥାକୁ ପଳାଇ ଆସିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୧-୨୨ ମସିହାରେ ବର୍ହିବିଭାଗକୁ ୧ ଲକ୍ଷ ୭୬ ହଜାର ୪୯୧ ଜଣ ରୋଗୀ ଆସିଥିବା ବେଳେ ଅନ୍ତଃ ବିଭାଗରେ ୨୫ ହଜାର ୪୪୨ ଜଣ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ୨୦୨୨-୨୩ ମସିହାରେ ୨ ଲକ୍ଷ ୨୯ ହଜାର ୧୬୩ ଜଣ ବର୍ହିବିଭାଗ ଓ ୩୨ ହଜାର ୧୭ ଜଣ ଅନ୍ତଃବିଭାଗରେ ରହି ଚିକିତ୍ସାଧୀନ ହୋଇଥିଲେ। ୨୦୨୧-୨୨ ମସିହାରେ ୬୩୮୨ ଜଣ ଓ ୨୦୨୨-୨୩ ମସିହାରେ ୬୦୯୪ ଜଣ ରୋଗୀଙ୍କୁ କୋରାପୁଟ, ବିଶାଖାପାଟଣା, ବ୍ରହ୍ମପୁର ଆଦି ସ୍ଥାନକୁ ରେଫର କରାଯାଇଛି। ରୋଗୀଙ୍କ ସଂଖ୍ୟା ବଢ଼ୁଥିବା ବେଳେ ଧାର୍ଯ୍ୟ ସଂଖ୍ୟକ ଡାକ୍ତର ନଥିବାରୁ ବହୁ ରୋଗୀ ଏବେ ଘରୋଇ ନର୍ସିଂହୋମ, କ୍ଲିନିକ୍, ଡାକ୍ତରଖାନା ଆଦି ଉପରେ ନିର୍ଭର ହେବାକୁ ବାଧ ହେଉଛନ୍ତି। ଏପରି ସ୍ଥିତିରେ ଗତ କିଛି ଦିନ ମଧ୍ୟରେ ସହରରେ ଖୋଲିଥିବା ଏକ ଘରୋଇ ଡାକ୍ତରଖାନାରେ ଦିନକୁଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଉଚ୍ଚଶିକ୍ଷା ପାଇଁ ୧୫ ଜଣ ଡାକ୍ତର ଯାଇଛନ୍ତି, ପାରିପାର୍ଶ୍ୱିକ ଡାକ୍ତରଖାନାରୁ ଡାକ୍ତର ଆଣି ଡିଏଚଏଚ୍ ଚାଲିଛି ବୋଲି କହିଛନ୍ତି ଡିଏମଓ ଡ. ଆରଏନ୍ ମିଶ୍ର। ସେଭଳି ଆଉଟସୋର୍ସିଂରେ ୨୬ ଜଣ ଷ୍ଟାଫନର୍ସ ଏହାରି ମଧ୍ୟରେ ଯୋଗ ଦେଇଥିବା କହିଛନ୍ତି ଡିଏମଓ। ଲୋକ ପ୍ରତିନିଧି ଓ ସରକାର, ପ୍ରଶାସନ ଦୃଷ୍ଟି ଦେଇ ଖାଲିପଡ଼ିଥିବା ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ପଦ ପୂରଣ କରି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ପୁରୀ, ୦୮/୧୨ (ନି.ପ୍ର): ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଆଜି ଦୁର୍ଘଟଣା ଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନ ପରିପ୍ରେକ୍ଷୀରେ ସୁକଲତା ସ୍ମୃତି ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ଛୋଟ ସଚେତନତା ବାର୍ତ୍ତା ମୂଳକ ଭିଡିଓ ମାନ ସ୍ମାର୍ଟ କ୍ଲାସ୍ ରୁମ୍ ରେ ବିଦ୍ୟାର୍ଥୀ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ବୁଝାଇଥିଲେ ଢ଼ ଛାତ୍ରଛାତ୍ରୀ ମାନେ ଦେଶର ଭବିଷ୍ୟତ ଅଟନ୍ତି,ବାପା ମା ମାନେ ବହୁତ କଷ୍ଟ ସହି ପିଲାମାନଙ୍କୁ ମଣିଷ କରନ୍ତି। ଛାତ୍ରଛାତ୍ରୀ ମାନେ ସଡକ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶର ତଥା ପରିବାରର ମଙ୍ଗଳ ହୋଇଥାଏ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍ ଅଫ୍ ଟ୍ରିଟର ଆକ୍ଟୀଭିଷ୍ଟସ୍ ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଖବର କାଗଜ ବିତରକଙ୍କ ପତ୍ନୀ ବିୟୋଗ

କେନ୍ଦ୍ରାପଡ଼ା, ୦୮/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳରେ ଦୀର୍ଘ ୫୦ବର୍ଷ ଧରି ନିରବଛିନ୍ନ ଭାବେ ଖବର କାଗଜ ବଂଟନ କରୁଥିବା ତଥା ବିତରକ ସଂଘର ସଭାପତି ଡମ୍ବରୁଧର ସାହୁଙ୍କ ପତ୍ନୀ ମଞ୍ଜୁଲତା ସାହୁ(୬୨)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥାଇ ଭୁବନେଶ୍ୱର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗୀୟା ମଞ୍ଜୁଲତା ଜଣେ ଧର୍ମ ପରାୟଣ, ମିଷ୍ଟାଭାଷୀ ମହିଳା ଥିବାରୁ ଉକ୍ତ ଅଂଚଳରେ ପରଲୋକର ଖବର ପାଇ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ପ୍ରଥମେ କେନ୍ଦ୍ରାପଡ଼ା ବଣିଆମାଳ ସ୍ଥିତ ନିଜ ବାସଭବନ ପରେ ଜଂଟିଲୋ ସ୍ଥିତ ବାସଭବନକୁ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁ ସମୟରେ ତାଙ୍କର ପୁଅ, ବୋହୂ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ନୂଆ ଓ ଫେଷ୍ଟ ପାଇଁ ଜିଲ୍ଲାସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା, ୦୮/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ନୂଆ ଓ ଫେଷ୍ଟ ୨୦୨୪ ପାଇଁ ଏକ ଜିଲ୍ଲାସ୍ତରୀୟ ଆଭାସୀ ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ଜିଲ୍ଲାର ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସହିତ ଅନୁଷ୍ଠିତ ହୋଇଯାଇଛି। ଏହା ଜାନୁଆରୀ ୨୪ ତାରିଖରେ ନୂଆ ଓ ଫେଷ୍ଟ ବାରୁଅ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ହେବ। ଯୁବ ସଶକ୍ତିକରଣ ଓ ଯୁବଶକ୍ତିର ଉତ୍ଥାନ ହେଲେ ଓଡ଼ିଶା ସଶକ୍ତ ହୋଇପାରିବା ଲକ୍ଷ ନେଇ ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏ ଉପଲକ୍ଷେ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳରେ ଯୁବଶକ୍ତି ମଧ୍ୟରେ ଥିବା ଲୁକାୟିତ ପ୍ରତିଭା ଅନ୍ୱେଷଣ ଓ ତା'ର ଉପଯୋଗିତା ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ପାଇଁ ନୂଆ ଓ ଫେଷ୍ଟ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାଇ ନୂଆ ଓ ଫେଷ୍ଟ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର ପ୍ରତ୍ୟେକ ନିୟମକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଆବାସୀ ମାଧ୍ୟମରେ ଯୋଗ ଦେଇଥିବା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏପିଡି ଅବଦୁଲ ରହେମାନ ଖାନ ପିପିଟି ମାଧ୍ୟମରେ ସମସ୍ତ ବିଷୟକୁ ବୈଠକରେ ଯୋଗ ଦେଇଥିବା ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପ୍ରଶ୍ନର ଉତର ଦେଇଥିଲେ। ନଭେମ୍ବର ୩୦ ତାରିଖ ସୁଦ୍ଧା ପଞ୍ଜିକରଣ କରିଥିବା ପ୍ରତ୍ୟେକ ବ୍ଲକ ଓ ପୌରାଂଚଳରେ ୧୩ ବର୍ଷରୁ ୩୫ ବର୍ଷର ଯୁବକ, ଯୁବତୀମାନେ ନୂଆ ଓ ଫେଷ୍ଟ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। କ୍ରୀଡ଼ା କ୍ଷେତ୍ରରେ ହକି, ଫୁଟବଲ, ଭଲିବଲ, ଖୋଖୋ, କବାଡ଼ି, କ୍ରିକେଟ୍, ଧଳା ଟେନିସ ବଲ ବ୍ଲକସ୍ତରୀୟ, ପୌରପାଳିକା ସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସାଂସ୍କୃତିକ ପ୍ରତିଯୋଗିତାରେ ଦଳଗତ ନୃତ୍ୟ, ସଂଗୀତ, ସୋଲୋ, ମନୋଆକ୍ଟିଂ, ଷ୍ଟାଣ୍ଡଅପ୍ କମେଡ଼ି, ଚିତ୍ରାଙ୍କନ ଆଦି ରହିଛି। ବ୍ଲକସ୍ତରୀୟ କୃତି ପ୍ରତିଯୋଗୀ ବା ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସ୍ଥିର କରାଯାଇଛି। ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଚମ୍ପିଆନ, ପ୍ରଥମ ରନର୍ସଅପ୍ ୨ୟ ରନର୍ସଅପ୍, ୩ୟ ରନର୍ସଅପ୍‌ମାନଙ୍କୁ ପୁରସ୍କୃତ କରାଯିବ। ବ୍ଲକସ୍ତରୀୟ, ପୌରପାଳିକା ସ୍ତରରେ ଯଥାକ୍ରମେ ବିଡିଓ ନିର୍ବାହୀ ଅଧିକାରୀମାନେ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ବ୍ଲକସ୍ତରୀୟ, ପୌରପାଳିକା ସ୍ତରୀୟ ପ୍ରତିଯୋଗିତା ଡେସେମ୍ବର ୩୧ ତାରିଖ ସୁଦ୍ଧା ଶେଷ ତାରିଖ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଜାନୁଆରୀ ୧୨ରୁ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଗ୍ରାମ ପଂଚାୟତ ବ୍ଲକ ଓ ଜିଲ୍ଲାସ୍ତରୀୟ ନୂଆ ଓ ଫେଷ୍ଟ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ଓ ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମକୁ ଡକ୍ୟୁମେଂଟେସନ ଓ ଫଟୋଗ୍ରାଫି କରିବା ସହ ସ୍କୁଲ ଓ କଲେଜରେ ହେଉଥିବା କାର୍ଯ୍ୟକ୍ରମକୁ ମଧ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରାଯିବ। ସୂଚନାଯୋଗ୍ୟ ଯେ, ଉପଖଣ୍ଡ ମାଧ୍ୟମରେ ୩ଟି ଲେଖାଏଁ ଶ୍ରେଷ୍ଠ ଗ୍ରାମ ପଂଚାୟତ, ବ୍ଲକ ଓ ଜିଲ୍ଲା ଚୟନ କରାଯାଇ ପୁରସ୍କୃତ କରିବାକୁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି ବୋଲି ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧରଣ ପିତାମ୍ବର ସାମଲ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସହକାରୀ ଶିକ୍ଷା ଅଧିକାରୀ ସରମା ମହାପାତ୍ର, ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୪ ପାଇଁ ଉଦ୍‌ଘୋଷକ ଚୟନ ୧୭ରେ

ସୁବର୍ଣ୍ଣପୁର, ୦୮/୧୨ (ନି.ପ୍ର): ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୪ ପାଇଁ ସାଂସ୍କୃତିକ କମିଟିର ବୈଠକ ସାଂସ୍କୃତିକ କମିଟି ଅଧ୍ୟକ୍ଷଙ୍କ ପରାମର୍ଶରେ ଆବାହକ ଜିଲ୍ଲା ସଂସ୍କୃତି ଅଧୂକାରୀଙ୍କ ଦ୍ୱାରା ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆହୁତ କରାଯାଇଥିଲା। ବୈଠକରେ ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୪ ରେ ଭାଗ ନେବାକୁ ଥିବା ସାଂସ୍କୃତିକ ଦଳ ବିଷୟରେ ବିଶେଷ ଆଲୋଚନା ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ଚଳିତ ବର୍ଷ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଉଦଘୋଷକ ମାନଙ୍କୁ ସୁଯୋଗ ଦେବା ପାଇଁ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତ ଡିସେମ୍ବର ମାସ ୧୭ ତାରିଖ ରେ ସ୍ଥାନୀୟ ସଂସ୍କୃତି ଭବନରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ୧୫ ରୁ ୩୫ ବର୍ଷ ବୟସ୍କ ଯୁବକ ଏବଂ ଯୁବତୀ ସେହି ଦିନ ସକାଳ ୯ ଘଂଟାରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ସିଧାସଳଖ ଯୋଗଦାନ କରି ନାମ ପଞ୍ଜୀକରଣ କରାଇପାରିବେ। ପ୍ରତିଭାଗୀ ମାନେ ଉପଯୁକ୍ତ ବେଶ ପୋଷାକ ସହ ନିଜ ଦ୍ୱାରା ପ୍ରସ୍ତୁତ ଏକ ଉଦଘୋଷଣାକୁ ସମ୍ବଲପୁରୀ, ହିନ୍ଦୀ,ଓଡିଆ ଭାଷାରେ ପ୍ରସ୍ତୁତ କରି ନିଜର କଳା ପ୍ରଦର୍ଶନ କରିବେ। ଆବଶ୍ୟକ ସ୍ଥଳେ ବିଚାରକମାନେ ପ୍ରତିଭାଗୀଙ୍କୁ ତତକ୍ଷଣାତ କିଛି ପ୍ରଦର୍ଶନ କରିବାକୁ ମଧ କହିପାରିବେ। ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସିଷ୍ଟାଂଟ କଲେକ୍ଟର, ଜ୍ୟୋତିର୍ମୟୀ ମଲ୍ଲିକ, ନାଟ୍ୟଶ୍ରୀ ଗଦାଧର ବାରିକ, ପ୍ରଦ୍ୟୁମ୍ନ କୁମାର ସାହୁ, ଡ଼ ପୁରୁଷୋତମ ମିଶ୍ର, ଚୌଧୁରୀ ବିଭାର, ଅବିନାଶ ହୋତା, ଲଡୁକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ଦେଇଥିବା ବେଳେ ଉଦଘୋଷକ ଚୟନ ପ୍ରକ୍ରିୟାରେ ଅଧିକ ପ୍ରତିଭାଗୀ ଭାଗ ନେବାକୁ ଜିଲ୍ଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ତରଫରୁ ଅନୁରୋଧ କରାଯାଇଛି।

# ଭୁବନେଶ୍ୱର ମେଳାରେ ପାରମ୍ପରିକ ଚେରୀମୂଳି ଔଷଧୀୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନ ମନ ମୋହିଲା

ବଲାଙ୍ଗିର, ୦୮/୧୨ (ନି.ପ୍ର): ମାଥନପଲା ବନ ସୁରକ୍ଷା ସମିତିର ପାରମ୍ପାରିକ ବୈଦ୍ୟ କବୀରାଜ ତିର୍ଥ ଗଡ଼ତିଆ ଏବଂ ବଲାଙ୍ଗୀର ବନ ବିଭାଗ ଅନ୍ତର୍ଗତ ଟିଟିଲାଗଡ ଏଫଏମୟୁ, କୁମୁଡିପଦର ଭିଏସଏର ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ଡିସେମ୍ବର ୫ ରୁ ୧୧ ତାରିଖ ଭୁବନେଶ୍ୱରରୁ ଷୋଡଶ ରାଜ୍ୟ ସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୩-୨୪ ରେ ଅଂଶଗ୍ରହଣ କରିଛନ୍ତି।

ଏହି ମେଳାରେ ଶ୍ରୀ ଗଡ଼ତିଆ ହର୍ବାଲ ଅଭ୍ୟାସ ତଥା ବିଭିନ୍ନ ରୋଗ ପାଇଁ ପାରମ୍ପାରିକ ଭାରତୀୟ ଚିକିତ୍ସା ଉପରେ ଏକ ଷ୍ଟଲ ପ୍ରଦର୍ଶନ କରି ହର୍ବାଲ ଔଷଧର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବହୁ ପରିଦର୍ଶକଙ୍କୁ ପରାମର୍ଶ ଏବଂ ଚିକିତ୍ସା ଯୋଗାଇ ହର୍ବାଲ ଔଷଧ ବିତରଣ କରିଥିଲେ। ପ୍ରଦର୍ଶନୀରେ ଶ୍ରୀ ଗଡ଼ତିଆ ୬୦.୫ କିଲୋଗ୍ରାମ ହର୍ବାଲ ଔଷଧ, ୧୦୦ ଥାଲକୁଡି ବିହନ, ୧୦୦ ଭୃଙ୍ଗରାଜ ବିହନ, ୨୦୦ ହାଡସିଙ୍କଲା ଉଦ୍ଭିଦ ଏବଂ ୨୦ ଟି ଇନସୁଲିନ ଉଦ୍ଭିଦ ପ୍ରଦର୍ଶନ କରିଥିଲେ। ଏଥିସହ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ, ରାଗି, ହଳଦୀ, ଆରିସା ପିଠା, ବଡି, ଡାଲି, ଭର୍ମିକମ୍ପୋଷ୍ଟ, ସୋରିଷ ବିହନ, ଧୂପକାଠି ଇତ୍ୟାଦି ଉତ୍ପାଦ ପ୍ରଦର୍ଶିତ କରିଥିଲେ। ମୋଟ ୯,୪୦୦ ମୂଲ୍ୟର ହର୍ବାଲ ଔଷଧ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ, ଏବଂ ୫୨ ରୋଗୀ ମାତ୍ର ଦୁଇ ଦିନ ମଧ୍ୟରେ ଶ୍ରୀ ଗଡ଼ତିଆଙ୍କ ସହିତ ପରାମର୍ଶ କରିଥିଲେ।

# କୋରୋ ବୁଢ଼ୀ ଜାଗୁଳାଇ ପୀଠରେ ଭାଗବତ ପାରାୟଣ ସପ୍ତାହ

କେନ୍ଦ୍ରାପଡ଼ା, ୦୮/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କୋରୋ ପଂଚାୟତର କୋରୋ ଗ୍ରାମ ଠାକୁରାଣୀ ମା' ବୁଢୀ ଜାଗୁଳାଇଙ୍କ ପୀଠରେ ଭାଗବତ ପାରାୟଣ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। କୋରୋ ଗ୍ରାମାବସୀଙ୍କ ସହାୟତାରେ ୭ ଦିନ ବ୍ୟାପି ଶ୍ରୀ ଭାଗବତ ପାରାୟଣ, ଅଭିଷେକ, ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ପଣ୍ଡା ଓ ଦେବରାଜ ଷଡଙ୍ଗୀ ପାରାୟଣ କରିଥିବାବେଳେ ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ରାଉତ, ସଭ୍ୟ ହରିଶ୍ ଚନ୍ଦ୍ର ରାଉତ, ଅନନ୍ତ ଓଝା, କରୁଣାକର ସାହୁ, କଳ୍ପତରୁ ବରାଳ, ବିପିନ ବରାଳ, ସତ୍ୟବାନ ଜେନା ଓ ପୂର୍ବତନ ସରପଂଚ ଭରତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗ୍ରୀନ ଟି ପିଇବା ପୂର୍ବରୁ ଜାଣିବା କଥା

**ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଗ୍ରୀନ ଟି ଏବେ ଅଧିକାଂଶ ଲୋକେ ପିଉଥିବାର ପ୍ରକାଶ। ତେବେ ଏହି ଗ୍ରୀନଟି ପିଇବା ପୂର୍ବରୁ କେତୋଟି କଥା ଜାଣିବା ନିହାତି ଆବଶ୍ୟବ ବୋଲି କାନାଡ଼ାର ଗବେଷକମାନେ ମତ ଦେଇଛନ୍ତି।**



- ରକ୍ତ ଅଭାବ ଥିବା ରୋଗୀମାନେ ଗ୍ରୀନଟି ପିଇବା ଅନୁଚିତ। କାରଣ ଏହାର ତତ୍ୱ ଶରୀରରେ ଲୌହର ମାତ୍ରା କମାଇ କ୍ଷତି ପହଂଚାଇଥାଏ।

- ସକାଳେ ଖାଲିପେଟରେ ଏହା ପିଇଲେ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ।

- ରାତିଭୋଜନ ପୂର୍ବରୁ ଗ୍ରୀନ ଟି ପିଇବା ଉପକାରୀ, ହେଲେ ଭୋଜନ ପରେ ପିଇଲେ ଏହା ନିଦ୍ରାହୀନତା ରୋଗ ସୃଷ୍ଟି କରିଥାଏ ବୋଲି ଗବେଷକଙ୍କ ମତ।

-ଅତି ବେଶୀରେ ଦିନକୁ ୨ ରୁ ୩ଥର ଏହି ପାନୀୟ ପିଇବା ଉଚିତ। ଅଧିକଥର ପିଇଲେ ମୁଣ୍ଡବିନ୍ଧା, ଡାଇରିଆ, ଅବସାଦ ରୋଗ ହେବାର ଆଶଙ୍କାଥାଏ।

- ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ଗ୍ରୀନଟିକୁ ଗରମ ଥିବା ଅବସ୍ଥାରେ ପିଇବା ଲାଭପ୍ରଦ।

- କେବେହେଲେ ଗ୍ରୀନଟିକୁ ୬ ମାସ ରଖି ପୁନଃ ବ୍ୟବହାର କରିବା ଅନୁଚିତ। ଏପରି କଲେ ଏହାର ପୋଷକ ତତ୍ତ୍ୱ ହ୍ରାସ ପାଇଥାଏ।

-ଗର୍ଭବତୀ ମହିଳା ଡାକ୍ତରଙ୍କ ପରାମର୍ଶରେ ହିଁ ଏହା ପିଇବା ଉଚିତ। ନଚେତ୍ ପରିସ୍ଥିତି ଜଟିଳ ହୋଇପାରେ।

## କୀର୍ତ୍ତନରେ କରତାଳି ବଜାନ୍ତି କାହିଁକି



ଧାର୍ମିକ ମତ ଅନୁଯାୟୀ, କୀର୍ତ୍ତନରେ ସବୁ ଲୋକ ଏକାସାଙ୍ଗରେ ମିଶି କରତାଳି ବଜାଇଥାନ୍ତି। ସମସ୍ତେ ମାନ୍ତି, କରତାଳି ବଜାଇ ଭଗବାନଙ୍କର ନାମ ଜପିଲେ ସବୁ ପାପରୁ ମୁକ୍ତି ମିଳିଥାଏ।

ବୈଜ୍ଞାନିକକାରଣ ଅନୁଯାୟୀ ଡାକ୍ତର କୁହନ୍ତି, ଆମ ହାତରେ ଏକ୍ୟୁପ୍ରେସରପଏଣ୍ଟ୍ ଅଧିକ ରହିଥାଏ। କରତାଳି ବଜାଇବା ଦ୍ୱାରା ହାତ ପାପୁଲିର ଏକ୍ୟୁପ୍ରେସର ପଏଂଟ ଉପରେ ଭଲରେ ପ୍ରେସର ପଡ଼ିଥାଏ। ଏହାଯୋଗୁଁ ହୃଦରୋଗ, ଫୁସ୍‌ଫୁସ୍ ରୋଗ ଭଳି ଅନେକ ରୋଗ ପାଇଁ ଫଳପ୍ରଦ ହୋଇଥାଏ ଏବଂ କରତାଳି ଶରୀରକୁ ନିରୋଗୀ ରଖିଥାଏ। କରତାଳି ଏକ ପ୍ରକାର ବ୍ୟାୟାମ ଅଟେ। ଏହାଯୋଗୁଁ ରକ୍ତ ସଂଚାରରେ ହୋଇଥିବା ପ୍ରତିବନ୍ଧକୁ ଦୂର କରିବା ସହିତ ରକ୍ତକୁ ବିଶୁଦ୍ଧ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

## ବାହା ହେବାପାଇଁ ମାଡ଼ ଖାଆନ୍ତି ମହିଳା

ସମୟ ସହ ବଦଳୁଛି ଲୋକଙ୍କର ଜୀବନଶୈଳୀ। ହେଲେ ଆଜି ବି ବିଶ୍ୱରେ ଅନେକ ଜନଜାତି ଅଛନ୍ତି, ଯେଉଁମାନେ ସେଇ ପୁରୁଣା ପରମ୍ପରାକୁ ଆଜିବି ଗ୍ରହଣ କରୁଛନ୍ତି। ଏହିପରି ଏକ ଜନଜାତି ଇଥୋପିଆରେ ଅଛନ୍ତି। ସେଠାରେ ମହିଳାମାନେ ବିବାହ କରିବା ପୂର୍ବରୁ ପୁରୁଷଙ୍କ ଠାରୁ ମାଡ଼ ଖାଆନ୍ତି।

ଇଥୋପିଆର ହେମର ଜନଜାତିର ମହିଳାଙ୍କୁ ବେତରେ ମାଡ଼ ମରାଯାଇଥାଏ। ମହିଳାଙ୍କ ଯୁକ୍ତି ହେଉଛି ମାଡ଼ ଖାଇବା ଦ୍ୱାରା ଶରୀରର ସୃଷ୍ଟି ହେଉଥିବା କ୍ଷତ ସେମାନଙ୍କ ପାଇଁ ଆଶୀର୍ବାଦ ଅଟେ। ଅନ୍ୟପଟେ ପୁରୁଷଙ୍କ ଯୁକ୍ତି ହେଉଛି ବେତ ମାଡ଼ ଦ୍ୱାରା ମହିଳାଙ୍କ ଭିତରେ ପ୍ରେମକ ରିବାର କ୍ଷମତା ବଢ଼ିଥାଏ। ଏହି ମାଡ଼ ଖାଇବା ପାଇଁ ଏକ ସ୍ୱତନ୍ତ୍ର ସମାରୋହରେ ଆୟୋଜନ କରାଯାଇଥାଏ। ଯେଉଁଠାରେ ସବୁ ପୁରୁଷ ମହିଳା ଏକାଠି ହୁଅନ୍ତି।

## ବେଙ୍ଗୁଲିରାଣୀର ବିଷଧର ଚେହେରା



ଏପରି ଅନେକ ଜୀବଜନ୍ତୁ ଆମ ଜୀବଜଗତରେ ବାସ କରନ୍ତି ଯେଉଁମାନେ ଆକାରରେ ଛୋଟ ହେଲେ ମଧ୍ୟ ସମ୍ପୁର୍ଣ୍ଣ ରୂପେ ବିଷାକ୍ତ। ବିଷଧର ବଡ଼ ଜନ୍ତୁମାନଙ୍କର ବିଷ ମଧ୍ୟ ଏମାନଙ୍କ ଶରୀରରେ କୌଣସି ପ୍ରଭାବ ପକାଇ ନଥାଏ। ବର୍ଷାଦିନେ ରଙ୍ଗବେରଙ୍ଗର ଏକ ସେଂଟିମିଟରରୁ ବି ଛୋଟ ଆକର୍ଷଣୀୟ ବେଙ୍ଗ ଦେଖିବାକୁ ମିଳେ। ହେଲେ ଏହି ବେଙ୍ଗଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର ତାଠାରୁ ଏମାନେ ଅଧିକ ବିଷାକ୍ତ ମଧ୍ୟ ହୋଇଥାନ୍ତି। ଏମାନଙ୍କ ଚର୍ମରୁର ସବୁବେଳେ ଏକ ପ୍ରକାର ଲାଳ ନିଗିଡ଼ିଥାଏ। ଏଥିରେ ୨୦୦ ଗୁଣା ଟକସିନ ଭରି ରହିଥାଏ। ଏହି ବିଷାକ୍ତ ଲାଳ ଥରେ କାହା ଦେହରେଲାଗିଲେ ୧ଘଂଟା ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ରହିଥାଏ।

## ଶୁଖିଲା କାଶ ପାଇଁ

ଉଷୁମ ପାଣିରେ ଅଳ୍ପ ଲୁଣ ପକାଇ ଗାର୍ଗିଲିଂ କରନ୍ତୁ।

କାଶ ପାଇଁ ମହୁ ଉତ୍ତମ ମହୌଷଧି। ଏହାକୁ ଗରମ ପାଣି କିମ୍ବା କ୍ଷୀରରେ ମିଶାଇ ସେବନ କରନ୍ତୁ। ତେବେ ଦୁଇବର୍ଷ ତଳର ଶିଶୁଙ୍କୁ ଏହା ଦେବା ଅନୁଚିତ।





ଅଦାକୁ ଜଳରେ ଜାକି ଟିକେ ଟିକେ ଚୋବେଇଲେ ଏହା ଗଳାରେ ହେଉଥିବା ଖସ୍ ଖସ୍ ଦୂରକରିବ।

ଅଦାକୁ ଛେଚି ଗରମ ପାଣିରେ ପକାଇ ଫୁଟାନ୍ତୁ। ଏହା ଥଣ୍ଡା ହେବାପରେ ଦିନରେ ଥରଟିଏ ସେବନ କରନ୍ତୁ।

## ସ୍ୱପ୍ନଦୋଷ ଦୂରକରେ ବୀରଭଦ୍ରାସନ



ପ୍ରଥମେ ସିଧା ଛିଡ଼ା ହୋଇ ଦୁଇ ପାଦ, ଆଣ୍ଠୁ ମିଶାଇ ରଖନ୍ତୁ। ଗୋଇଠି ନିତମ୍ବ, ମୁଣ୍ଡ ସିଧା ଭାବରେ ରହିବ। ଡାହାଣ ଗୋଡ଼କୁ ଆଣ୍ଠୁ ଠାରୁ ଭାଙ୍ଗି ଗୋଇଠିକୁ ବାମ ଗୋଡ଼ର ଜଙ୍ଘ ମୂଳରେ ରଖନ୍ତୁ। ଦୁଇ ହାତକୁ ପ୍ରମାଣ ମୁଦ୍ରାରେ ହୃଦୟ ଉପରେ ରଖନ୍ତୁ। ଡାହାଣ ଆଣ୍ଠୁ ଆସି ବାମ ଗୋଇଠିକୁ ଛୁଇଁ ରଖିବେ। ଶ୍ୱାସର ଗତି ସ୍ୱାଭାବିକ ରହିବ। ଯେତେ ସମୟ ସମ୍ଭବ ରହି ବିଶ୍ରାମ କରି ପୁଣି ପାଦ ବଦଳାଇବେ। ଏହି ଆସନ କରିବା ବେଳେ ଧୈର୍ଯ୍ୟର ସହିତ ଧୀରେ ଧୀରେ ଅଭ୍ୟାସ କରନ୍ତୁ।ବାଳିକା ବା ମହିଳାମାନେ ଏ ଆସନ କରିବା ଅନୁଚିତ। ଏହି ଆସନ କରିବା ଫଳରେ ଶୀଘ୍ର ପତନରୁ ରକ୍ଷା ମିଳେ, ବ୍ରହ୍ମଚର୍ଯ୍ୟ ରକ୍ଷା ପାଇଁ ଏହା ଉତ୍କୃଷ୍ଟ, ବୀର୍ଯ୍ୟ ବିକାର, ଦୂର କରେ, ମଧୁମେହରୁ ଉପଶମ ମିଳିବ, ସାଇଟିକା, ହାର୍ଣ୍ଣିଆ, ଆଣ୍ଠୁ, ଅଂଟା, ମେରୁଦଣ୍ଡ, ବେକର ମସ୍ତ ପ୍ରକାର ରୋଗ ଦୂର କରେ, ସ୍ୱପ୍ନଦୋଷ ଦୂରକରେ।

## ମୃତ୍ୟୁକୁ ନେଇ କଟକଣା



ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ନିୟମ ପ୍ରଣୟନ କରାଯାଇଛି। କେତେକ ରାଷ୍ଟ୍ରର ନାଗରିକଙ୍କୁ ଅନେକ ସ୍ୱାଧୀନତା ମିଳିଥିବା ବେଳେ ଅନ୍ୟ କେତେକ ରାଷ୍ଟ୍ରରେ ଏବେ ମଧ୍ୟ ଏକଛତ୍ରବାଦ ଶାସନର ଦୃଶ୍ୟ ପରିଲକ୍ଷିତ ହେଉଛି। ତେବେ ନରୱେର ଲାଙ୍ଗେୟେରବେନ୍ ସହରର ଏକ ଅଜବ ନିୟମ ଅନ୍ୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କାରଣ ନରୱେ ସରକାର ଏହି ସହରରେ ମୃତ୍ୟୁ ପାଇଁ କଟକଣା ଜାରି କରିଛନ୍ତି। ଏଠାରେ ମରିବା ନିମନ୍ତେ ନିୟମ ନାହିଁ। ସାଧାରଣ ଲୋକଟିଏ ପାଇଁ ଏହା ନିହାତି ଏକ ଆଶ୍ଚର୍ଯ୍ୟାନ୍ୱିତ ଘଟଣା। ହେଲେ ସେଠାକାର ନାଗରିକଙ୍କ ଉପରେ ଏହି ନିୟମ କୌଣସି ପ୍ରଭାବ ପକାଇନାହିଁ। ୨ହଜାର ଲୋକସଂଖ୍ୟା ବିଶିଷ୍ଟ ଏହି ସହରରେ ପର୍ଯ୍ୟଟକ ଓ ଗବେଷକଙ୍କ ସଂଖ୍ୟା ସର୍ବାଧିକ। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଗତ ୭୦ବର୍ଷ ମଧ୍ୟରେ ଏଠାରେ କୌଣସି ଶବକୁ କବର ଦିଆଯାଇ ନାହିଁ। ବରଫାଚ୍ଛନ୍ନ ଅଂଚଳ ଯୋଗୁଁ ଶବଗୁଡ଼ିକ ମାଟିରେ ମିଶିନଥାନ୍ତି କିମ୍ବା ନଷ୍ଟ ହୋଇନଥାନ୍ତି। କିଛିବର୍ଷ ତଳେ ବୈଜ୍ଞାନିକମାନେ ଏକ ଶବକୁ ପରୀକ୍ଷା କରିବାରୁ ସେଥିରେ ଇନଫ୍ଲୁଏନଜା ଭାଇରସ ଥିବାର ତଥ୍ୟ ମିଳିଥିଲା। ଏହିପରି ଶବଗୁଡ଼ିକ କାରଣରୁ ବିଭିନ୍ନ ରୋଗ ବ୍ୟାପିବାରୁ ନରୱେ ସରକାର ଏଠାରେ ଡେଥ୍ ପଲିସି ନିୟମ ଲାଗୁ କରିଥିଲେ। ବୟୋଜ୍ୟେଷ୍ଠ ବ୍ୟକ୍ତି କିମ୍ବା ସାଂଘାତିକ ରୋଗଗ୍ରସ୍ତ ଲୋକଙ୍କୁ ତତକ୍ଷଣାତ୍ ଏହି ସହରରୁ ବିମାନ ଯୋଗେ ନରୱେର ଅନ୍ୟ ସହରକୁ ନିଆଯାଇଥାଏ।




## ଏହି ସବୁ ଉପାୟ ଆପଣେଇ ୧୦୦ ବର୍ଷ ପରେ ବି ଜୀବିତ ରହନ୍ତି ଜାପାନୀ

ଦୀର୍ଘ ଜୀବନ କାହାକୁ ବା ଭଲଲାଗେ ନାହିଁ? ଅଧିକ ଦିନ ବଞ୍ଚିବାର ଇଚ୍ଛା ସଭିଙ୍କ ଭିତରେ ଥାଏ। ହେଲେ ଆମର ଦୈନନ୍ଦିନ ଅଭ୍ୟାସ ଆମ ଆୟୁକୁ କମ୍ କରି ଦେଇଥାଏ। ଆମେ ଯଦି ଟିକେ ସତର୍କ ଓ ସାବଧାନ ରହିବା ତେବେ ଖୁବ୍ ସହଜରେ ୧୦୦ ବର୍ଷରୁ ଅଧିକ ବୟସ ବଞ୍ଚିପାରିବା। ଜାପାନୀ ଲୋକମାନଙ୍କ ଆୟୁ ଟିକେ ଅଧିକ ବୋଲି ଆମେ ଜାଣିଛି। ସେମାନେ ଦୀର୍ଘ ବୟସ ପର୍ଯ୍ୟନ୍ତ ବଞ୍ଚି ରହିବା ପଛରେ ବି କାରଣ ଅଛି।

ଜାପାନର ଏକ ଗ୍ରୁପ୍ ଅଛି। ସେହି ଗ୍ରୁପ୍ ଦୀର୍ଘ ଜୀବନ ବଞ୍ଚୁଥିବା ଲୋକଙ୍କ ନିକଟକୁ ନେଇ ସେମାନଙ୍କ ଜୀବନଶୈଳୀକୁ ଜାଣୁଛି। ଏତେ ଦୀର୍ଘ ଜୀବନ ବଞ୍ଚିବା ପଛର ରହସ୍ୟକୁ ଜାଣିବା ପରେ ତାହାକୁ ଲୋକଙ୍କ ସହ ବାଣ୍ଟୁଛି। ଏହି ଗ୍ରୁପ୍ ୧୧୦ରୁ ଅଧିକ ବର୍ଷ ବର୍ଯସ ବଞ୍ଚିଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରିଛି। ସେମାନଙ୍କ ମଧ୍ୟରେ ଜାପାନର ସବୁଠାରୁ ଅଧିକ ବୟସ୍କ ଫୁସା ତ୍ୟାସୁମି ବି ସାମିଲ୍ ଅଛନ୍ତି, ଯିଏକ ନିକଟରେ ତାଙ୍କର ୧୧୬ତମ ଜନ୍ମଦିନ ପାଳନ କରିଛନ୍ତି। ଜାପାନର ଏହି ବୟସ୍କମାନଙ୍କ ନିକଟରୁ ଦୀର୍ଘ ଜୀବନର କିଛି ଟିପ୍ସ ମିଳିଛି, ଯାହାକୁ ଯେକେହି ବି ଆପଣେଇ ପାରନ୍ତି। ପ୍ରଥମ ଟିପ୍ସ ହେଉଛି, ଆମରୁ ୮୦ ପ୍ରତିଶତ ଖାଦ୍ୟ ଖାଇବା ଉଚିତ। ଅର୍ଥାତ ଆମେ ଖାଇବା ସମୟରେ ପେଟକୁ ପୂରା ନକରି, ସେଥିରୁ ୨୦ ପ୍ରତିଶତ ଜାଗା ଛାଡ଼ିଦେବା ଉଚିତ। ଅନ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କ କହିବାନୁସାରେ ସବୁକିଛି ଖାଇ ହେବ ଓ ପିଇ ହେବ, ମାତ୍ର ସୀମା ଭିତରେ ରହିଲେ ସବୁ ଚଳିବ। ସେହିପରି ଅନ୍ୟ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ଦୀର୍ଘ ଜୀବନର ରହସ୍ୟ ଶାରୀରିକ ଭାବେ ସକ୍ରିୟ ରହିବାକୁ କହିଛନ୍ତି।



## ଗ୍ୟାସର ଉପଚାର

- ଗୁଣ୍ଡ ଅଦା ପାଣିରେ ଫୁଟାଇ ଅଦା ଚା ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ଅଦା ଚା' ଦିନକୁ ୨ରୁ ୩ଥର ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ। ତାହା ସହିତ ଅନ୍ୟ କିଛି ତେଲ ସହିତ ଦୁଇ ତିନିଟୋପା ଅଦାତେଲ ମିଶାଇ ତାହାକୁ ବାହାରପଟେ ପାକସ୍ଥଳୀରେ ମାଲିସ କରାଯାଇପାରିବ।

- ଖାଇବା ସୋଡ଼ା ଗ୍ୟାସରୁ ତୁରନ୍ତ ଆରାମ ଦେଇଥାଏ। ଏକ ଗ୍ଲାସ ପାଣିରେ ଚାମଚର ଚାରିଭାଗରୁ ଏକ ଭାଗ ଖାଇବା ସୋଡ଼ା ମିଶାଇ ପିଇଲେ ଗ୍ୟାସ ଦୂରହେବ। ଚିମୁଟାଏ ଖାଇବା ସୋଡ଼ାକୁ ଏକ ଗ୍ଲାସରେ ଲେମ୍ବୁରସ ସହିତ ମିଶାଇ ସେଥିରେ ପାଣି ମିଶାନ୍ତୁ। ଏହା ମଧ୍ୟ ଆଣ୍ଟାସିଡ୍ ଭଳି କାମ କରିବ।

- ଅପଲ ସାଇଡ଼ର ଭିନେଗାରୁ ୨ ଚାମଚ ଏକ ଗ୍ଲାସ ଉଷୁମ ପାଣିରେ ମିଶାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହା ପିଇଲେ ଗ୍ୟାସ ସମସ୍ୟା ଦୂରହେବ।

- କିଛି ଡାଲଚିନିକୁ ପାଣିରେ ସିଝାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ତାହା ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୯ ଡିସେମ୍ବର ୨୦୨୩, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସବୁଜ ଲକ୍ଷ୍ୟ...

ବର୍ତ୍ତମାନ ସମୟରେ ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନକୁ ରୋକିବା ସମଗ୍ର ବିଶ୍ୱ ପାଇଁ ଗଭୀର ଚିନ୍ତାର କାରଣ ପାଲଟିଛି। ସମ୍ପ୍ରତି ୟୁନାଇଟେଡ୍ ଆରବ ଏମିରେଟସ୍ (ୟୁଏଇ)ରେ ଚାଲୁ ରହିଥିବା ସିଓପି-୨୮ରେ ଏ ସମ୍ପର୍କରେ ବିଚାରାଲୋଚନା କରି ଦୃଢ଼ ପଦକ୍ଷେପ ନେବାକୁ ବିଶ୍ୱର ନେତୃମଣ୍ଡଳୀ ଏକାଠି ହୋଇଛନ୍ତି। ସଂଯୋଗକ୍ରମେ ଏଇ ସମ୍ମିଳନୀରେ ଯେଉଁ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ବିଶ୍ୱ ଉପରେ ମିଥ୍ୟାବାଦିତାର ଆରୋପ ଲଗାଇଲେ, ଠିକ୍ ସେହି ଦିନ ଭାରତର ଜାତୀୟ ପାଣିପାଗ ଭବିଷ୍ୟବକ୍ତା ଆଗାମୀ ସମୟରେ ଦେଶ ଏକ ଉଷ୍ମ ଶୀତ ଋତୁକୁ ସାମ୍ନା କରିବାକୁ ଯାଉଥିବା ସମ୍ପର୍କରେ ଭବିଷ୍ୟବାଣୀ କଲା । ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷର ନଭେମ୍ବର ମାସକୁ ୧୯୦୧ଠାରୁ ସାମ୍ପ୍ରତିକ ବର୍ଷ ମଧ୍ୟରେ ସର୍ବାଧିକ ଉତ୍ତପ୍ତ ମାସ ଭାବରେ ଘୋଷଣା କରାଯାଇ ସାରିଛି । କହିବା ବାହୁଲ୍ୟ, ଜଳବାୟୁ ପରିବର୍ତ୍ତନଜନିତ ଭୟାବହ ପରିସ୍ଥିତିଗୁଡ଼ିକର ସମ୍ମୁଖୀନ ହେଉଥିବା ଏକ ଦେଶ ପାଇଁ ଉପରୋକ୍ତ ଭବିଷ୍ୟବାଣୀ ଏକ ମୃଦୁ ଅନୁସ୍ମାରକ ଥିଲା। ତେଣୁ ଜଳବାୟୁ ନ୍ୟାୟ, ସମାନତା ଏବଂ ଆବଣ୍ଟିତ ଦାୟିତ୍ୱ ଉପରେ ଆଧାର କରି କାର୍ଯ୍ୟାନୁଷ୍ଠାନ କରିବା ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିବା ସ୍ୱାଭାବିକ। ସେ କହିଥିଲେ, 'ମାନବ ସମାଜର ଏକ ଛୋଟ ବର୍ଗ ପ୍ରକୃତିର ଅବିଚାରିତ ଶୋଷଣ କଲେ । କିନ୍ତୁ ସମଗ୍ର ମାନବ ସମାଜ ଏହାର ମୂଲ୍ୟ ପ୍ରଦାନ କରି ଚାଲିଛି, ବିଶେଷକରି ଦକ୍ଷିଣ ବିଶ୍ୱର ମାନବ ସମାଜ। 'କେବଳ ମୁଁ ଭଲରେ ରହିବି' ଚିନ୍ତାଧାରା ସମଗ୍ର ବିଶ୍ୱକୁ ଅନ୍ଧକାରମୁହାଁ କରିଦେବ ।' ଖାଦ୍ୟ ଉତ୍ପାଦନ ପ୍ରତି ବର୍ଷ ଟନ୍ ଟନ୍ ପରିମାଣରେ ସବୁଜ ଗୃହ ବାଷ୍ପଗୁଡ଼ିକୁ ସୃଷ୍ଟି କରିଥାଏ, ଯାହା ସମଗ୍ର ବିଶ୍ୱର ଉତ୍ସର୍ଜନଗୁଡ଼ିକର ପ୍ରାୟ ଏକ-ତୃତୀୟାଂଶ ପରିମାଣର ହୋଇଥାଏ । ଏହା ମଧ୍ୟ ସମଗ୍ର ବିଶ୍ୱରେ ୯୦ ପ୍ରତିଶତ ଜଙ୍ଗଲ ହାନିର କାରଣ ପାଲଟି ଥାଏ। ଖାଦ୍ୟ ଉତ୍ପାଦନର ଅପର ପାର୍ଶ୍ୱ, ଅର୍ଥାତ୍ ହାନିକାରକ ଦିଗଟିକୁ ଉନ୍ମୋଚିତ କରିଛି ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଦ୍ୱାରା ପ୍ରକାଶିତ ଖାଦ୍ୟ ଓ କୃଷିର ଅବସ୍ଥା ସମ୍ପର୍କିତ ରିପୋର୍ଟ । ଏହା ଦର୍ଶାଇଛି ଯେ ଖାଦ୍ୟ ଉତ୍ପାଦନର ଅନ୍ଧକାର ଦିଗଟି ହେଉଛି- ଅନ୍ୟାନ୍ୟ ପ୍ରଭାବଗୁଡ଼ିକ ମଧ୍ୟରେ ରହିଥିବା ସବୁଜ ଗୃହ ବାଷ୍ପ ଏବଂ ନାଇଟ୍ରୋଜେନ୍ ନିର୍ଗମନ, ଅତ୍ୟଧିକ ପରିମାଣରେ ଜଳର ବ୍ୟବହାର, ଜମିର ବ୍ୟବହାରରେ ପରିବର୍ତ୍ତନ, କୁପୋଷଣ, ଦାରିଦ୍ର୍ୟ ଇତ୍ୟାଦି ଯାହାର ମୂଲ୍ୟ ହାରାହାରି ୧୨.୭ ଟ୍ରିଲିଅନ୍ ଡଲାର ହେବ । ଉଲ୍ଲେଖନୀୟ କଥା ହେଉଛି, ଚାଲୁ ରହିଥିବା ସିଓ ପି-୨୮ ସମ୍ମିଳନୀରେ ବିଶ୍ୱର ୧୩୦ରୁ ଅଧିକ ସଂଖ୍ୟକ ନେତା ସହମତ ହୋଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ ପାଇଁ ବୈଶ୍ୱିକ ଏବଂ ଜାତୀୟ ସ୍ତରର ଖାଦ୍ୟ ବ୍ୟବସ୍ଥାରେ ସଂସ୍କାର ଅଣାଯିବାର ଆବଶ୍ୟକତା ରହିଛି । ସୁଖଦ ସମାଚାର– ସେମାନଙ୍କର ଏଭଳି ମନୋଭାବ ପ୍ରକାଶ ପାଇଛି ଠିକ୍ ସେହି ସମୟରେ, ଯେତେବେଳେ କି ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୧୦ ବିଲିଅନ୍ ଛୁଇଁବ ବୋଲି ଭବିଷ୍ୟବାଣୀ କରାଯାଉଛି। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଭାରତ ଏହି ଘୋଷଣାନାମାରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛି । ଖାଦ୍ୟ ଉତ୍ପାଦନର ପୁନଃଅଂଶାଙ୍କନ ସେ ପର୍ଯ୍ୟନ୍ତ ଅସମ୍ଭବ, ଯେ ପର୍ଯ୍ୟନ୍ତ ଜନସଂଖ୍ୟାବହୁଳ ରାଷ୍ଟ୍ରମାନଙ୍କୁ ଗୋଟିଏ ମଞ୍ଚକୁ ଅଣାଯାଇ ପାରି ନାହିଁ ତଥା କ୍ରମବର୍ଦ୍ଧନଶୀଳ ଜନସଂଖ୍ୟାକୁ ନିୟନ୍ତ୍ରଣାଧୀନ କରାଯାଇ ପାରି ନାହିଁ । ଏହାର ଅର୍ଥ ହେଉଛି, ସହାୟକ ଜନସାଂଖ୍ୟକ ପ୍ରତିଚ୍ଛେଦନଗୁଡ଼ିକ ସହିତ ପାରିବେଶିକ ଆହ୍ୱାନଗୁଡ଼ିକୁ ମିଶାଇ ପରୀକ୍ଷା ନିରୀକ୍ଷା କରାଯିବାର ଆବଶ୍ୟକତା ରହିଛି । ଜମିକୁ ଏକ ଅସୀମ ସମ୍ବଳ ଏବଂ ଅଧିକ ଜମି ପାଇବା ନିମନ୍ତେ ଗଛଗୁଡ଼ିକୁ କାଟିବାର ଏକ ଉପନିବେଶବାଦୀ ମନୋଭାବସମ୍ପନ୍ନ ଏକକ ସଂସ୍କୃତିକୁ ପରିହାର କରିବା ଏ ଦିଗରେ ପ୍ରଥମ ପଦକ୍ଷେପ ହେବ । ଗୁଣାତ୍ମକ ମାନରେ ଅବନତି ଘଟି ସାରିଥିବା ଜମିଗୁଡ଼ିକୁ ସେମାନଙ୍କର ପୂର୍ବର ପାରିବେଶିକ ଅଖଣ୍ଡତା ଏବଂ ଉତ୍ପାଦକତାପୂର୍ଣ୍ଣ ସ୍ଥିତିକୁ ନିଶ୍ଚିତ ଭାବରେ ଫେରାଇ ଅଣାଯିବା ଉଚିତ। ତେବେ, କେବଳ ଅତ୍ୟଧିକ ପରିମାଣରେ ଜମିର ବ୍ୟବହାର ଏକମାତ୍ର ବିପଦ ନୁହେଁ, ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକର ମଧ୍ୟ ପାରିବେଶିକ ପରିଣତିମାନ ରହିଛି । ଏ ବାବଦରେ ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଭାରତର ବହୁଳ ପ୍ରଶଂସିତ ସବୁଜ ବିପ୍ଳବ, ଯାହା ଭାରତକୁ ଖାଦ୍ୟ ସାମଗ୍ରୀଗୁଡ଼ିକର ଉତ୍ପାଦନ ଦୃଷ୍ଟିରୁ ସୁରକ୍ଷିତ କରି ପାରିଥିବା ବେଳେ ମରୁଡ଼ିକରଣ, ଜଳ ସମ୍ପଦର ହାନି, ଅତ୍ୟଧିକ ପରିମାଣରେ ରାସାୟନିକ ସାର ଓ କୀଟନାଶକଗୁଡ଼ିକର ବ୍ୟବହାର ତଥା ସ୍ଥାନୀୟକୃତ ପାରିବେଶିକ ସନ୍ତୁଳନଗୁଡ଼ିକରେ ବିଚ୍ୟୁତି ଭଳି ଗୁରୁତର ପାରିବେଶିକ ସଂକଟଗୁଡ଼ିକ ଦିଗରେ ଆଗେଇ ନେଇଛି । ସେହିପରି ଖାଦ୍ୟ ସାମଗ୍ରୀଗୁଡ଼ିକର ପରିବହନ କଥାକୁ ମଧ୍ୟ ବିବେଚନା କରାଯିବା ଉଚିତ: ଖାଦ୍ୟ ସାମଗ୍ରୀଗୁଡ଼ିକର ପ୍ୟାକିଂ ଏବଂ ପରିବହନ ଖାଦ୍ୟ ସାମଗ୍ରୀ ଉଦ୍ୟୋଗର ୧୧ ପ୍ରତିଶତ ସବୁଜ ଗୃହ ବାଷ୍ପ ଉତ୍ସର୍ଜନ ନିମନ୍ତେ ଦାୟୀ। ଏହା ବାଦ୍ ରହିଛି ଖାଉଟିମାନଙ୍କ ପସନ୍ଦ। ଉଦାହରଣ ସ୍ୱରୂପ, ଡେରୀ କ୍ଷୀରରୁ ଆଲ୍‌ମଣ୍ଡ କ୍ଷୀରକୁ ପରିବର୍ତ୍ତନ ଅଧିକ କ୍ଷତି କରିବ, କାରଣ ଆଲ୍‌ମଣ୍ଡ କ୍ଷୀରର ଅଧିକ ଅଙ୍ଗାରକ ପଦାଙ୍କ ରହିଛି । ସଙ୍ଗେ ସଙ୍ଗେ ଖାଦ୍ୟପଦାର୍ଥଗୁଡ଼ିକର ନଷ୍ଟକୁ ନିଶ୍ଚିତ ରୂପେ ରୋକାଯିବା ଉଚିତ । ଏହିଭଳି ପଦକ୍ଷେପଗୁଡ଼ିକ ନିଆଯାଇ ପାରିଲେ କୃଷି ଉପରେ ଚାପ କମିବ ଏବଂ ତଦ୍ୱାରା ପାରିବେଶିକ ବିପଦରେ ମଧ୍ୟ ହ୍ରାସ ଘଟିବ।



## ମନ୍ଦ ଭାବିବାକୁ ବେଳ କାହିଁ ?

### ଶ୍ରୀବତ୍ସ ନାୟକ

କଣ ଆଜ୍ଞା ସବୁ ଭଲ ତ? ଉତ୍ତର ହେଉଛି ହଁ ଆଜ୍ଞା ସବୁ ଭଲ । ମନ୍ଦ ଭାବିବାକୁ ବେଳ କାହିଁ ? କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ତାର ବିପରୀତ ପ୍ରତିଫଳନ ଦୃଶ୍ୟମାନ ହେଉଛି । ଆମେ ସମସ୍ତେ ବ୍ୟସ୍ତ । କିଏ କାହା ଚାକିରୀକୁ ନେଇ ବ୍ୟସ୍ତ,କିଏ କାହା ବୃତ୍ତିକୁ ନେଇ ବ୍ୟସ୍ତ ତ କିଏ କାହା କର୍ମପନ୍ଥାକୁ ନେଇ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହିଥାଉ । ଜୀବନ ଯମୁନାରେ ଜୁଆର ଆସିଲାଭଳି ନିଜର କର୍ମମୟ ଜୀବନରେ ଆମେ ଏହିଭଳି ବ୍ୟସ୍ତ ରହିଥାଉ ଯେ କୌଣସି କଥା ଚିନ୍ତା କରିବାକୁ ଆମ ପାଖରେ ସମୟ ନଥାଏ । ବିଶେଷ କରି ଆଧୁନିକତାର ଦ୍ୱାହି ଦେଇ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ସହରାଞ୍ଚଳରେ ବାସବାସ କରୁଥିବା ଲୋକମାନଙ୍କ ପାଖରେ ତ ସମୟର ଘୋର ଅଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜଧାନୀରେ ରେଷ୍ଟୁରା, ଟ୍ରାଫିକ, ମଲ୍, ମାର୍କେଟ, ଡାକ୍ତରଖାନା, ମେଳା, ମହୋତ୍ସବ,ସପିଙ୍ଗ ମଲ୍ ଆଦିରେ ଯେମିତି ଭିଡ଼ ଦେଖିବାକୁ ମିଳୁଛି, ମନେହୁଏ, ରାଜଧାନୀବାସୀଙ୍କ ପାଖରେ ଯେମିତି ସମୟ ଅମୂଲ୍ୟ ହୋଇପଡିଛି । କେହି ସମୟ ଅପଚୟ କରିବାକୁ ନାରାଜ । କାହାରି ପାଖରେ ସମୟ ନାହିଁ। ସମସ୍ତେ ସମୟକୁ ନେଇ ବେଶ୍ ତତ୍ପର । ମୋଟାମୋଟି ଭାବରେ ଦେଖିଲେ ସମୟ ଆଗରେ ଆଧୁନିକ ଯୁଗର ମଣିଷ ନିସହାୟ । ଆଜିର ଅତ୍ୟାଧୁନିକ ଜୀବନ ଶୈଳୀ କର୍ମମୟ ଜୀବନର ବ୍ୟସ୍ତତା ମଣିଷକୁ ରୋଗଗ୍ରସ୍ତ କରିଦେଲେ ମଧ୍ୟ ଆଧୁନିକ ଯୁଗର ବ୍ୟସ୍ତତା ହୁଏତ ମଣିଷ ପାଇଁ ଏଡ଼ାଇବା ସମ୍ଭବ ନୁହେଁ ।

ଏତେ ସବୁ ବ୍ୟସ୍ତତା ମଧ୍ୟରେ ଆମ ପାଖରେ ମନ୍ଦ ଭାବିବାକୁ ଅନେକ ସମୟ ଅଛି କିନ୍ତୁ ଭଲ ଭାବିବାକୁ ବେଳ ନାହିଁ । ଅସହିଷ୍ଣୁତା ଓ ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ମଣିଷ ସର୍ବଦା ଅନ୍ୟ ସହ ନିଜକୁ ତୁଳନା କରେ । ଏହା ମଣିଷକୁ ପ୍ରତି ମୁହୂର୍ତ୍ତରେ ଜାଳିଥାଏ । ଅନ୍ୟର ଉନ୍ନତିକୁ ସହ୍ୟ ନକରିପାରି ପରଚର୍ଚ୍ଚାରେ ନିଜର ଅମୂଲ୍ୟ ସମୟକୁ ବିତେଇଥାଏ । ଅହଙ୍କାର, ଲୋଭ, କ୍ରୋଧ, କାମନା, ବାସନା, ତଥା ପ୍ରତିଯୋଗିତାମୂଳକ ଭାବନା ମଣିଷକୁ ବିପଥଗାମୀ କରେ । ଅନ୍ୟର ସଫଳତାକୁ ସହ୍ୟ ନକରିପାରିବା ଭାବ ବଢ଼ିଯିବା ଯୋଗୁଁ ମଣିଷ ଅନ୍ୟର ମନ୍ଦ ଚିନ୍ତା କରୁଥାଏ । ସମୟ ଅଭାବ ଥିଲେ ମଧ୍ୟ ଯେତେବେଳେ ଅନ୍ୟକୁ ସମାଲୋଚନା କରିବାର କଥା ଆସେ ସେତେବେଳେ ଆମ ପାଖରେ ଢେର୍ ସମୟ ଆସିଯାଏ । ଫଳରେ ଆମେ ଆମ ନିଜର ଦୁର୍ବଳତାକୁ ଆଡେଇ ଦେଇ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଉ, ଅନ୍ୟର ଦୋଷ ଦେଖିଥାଉ। ଦୁର୍ଭାଗ୍ୟବଶତଃ ଯଦି କେବେ କର୍ମମୟ ଜୀବନରୁ ଟିକେ ଫୁରୁସତ୍ ମିଳିଯାଏ ତେବେ ଆରମ୍ଭ ହୋଇଯାଏ ପରଚର୍ଚ୍ଚା । ଅନ୍ୟପ୍ରତି ପ୍ରେମ ଭାବ ଜାଗ୍ରତ ହେବା ପରିବର୍ତ୍ତେ ହିଂସାତ୍ମକ ମନୋଭାବ ପୋଷଣ କରି ଅନିଷ୍ଟ କରିବା ପାଇଁ ଆମେ ପ୍ରସ୍ତୁତ ହୋଇଯାଉ । ପ୍ରଶୟ ପାଇଲେ ମୁଣ୍ଡରେ ଚଢିବା, ନିଜେ ଉପରକୁ ଉଠିବା ପାଇଁ ଅନ୍ୟ କାନ୍ଧର ସାହାରା ନେବା ଏବଂ ଉପରକୁ ଉଠି ସାରିଲେ ଅନ୍ୟକୁ ଗୋଇଠା ମାରିବା ଯେମିତି ଆମର ନିତିଦିନିଆ ଅଭ୍ୟାସ ହୋଇଗଲାଣି । ଜୀବଜଗତରେ ପ୍ରାଣୀ ମାନଙ୍କର ପାଞ୍ଚଗୋଟି ଇନ୍ଦ୍ରିୟ ଥିଲାବେଳେ ମଣିଷ ପାଖରେ ଛ ଗୋଟି ଇନ୍ଦ୍ରିୟ ଅଛି । ଯାହା ହେଉଛି ଚେତନାର ଇନ୍ଦ୍ରିୟ। ହେ ମାନବ ଜାତି ! ବିଶ୍ୱ ନୀୟନ୍ତାଙ୍କ ତୁମକୁ ବୁଦ୍ଧି, ଜ୍ଞାନ, ବିବେକ ଓ ଇନ୍ଦ୍ରିୟ ଆଦି ପ୍ରଦାନ କରି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରିଛନ୍ତି । ମଣିଷର ଷଷ୍ଠ ଇନ୍ଦ୍ରିୟ (ଚେତନାର ଇନ୍ଦ୍ରିୟ) ଦ୍ୱାରା ସେ, ପ୍ରାଣୀ ଜଗତର ସୁରକ୍ଷା କରିବା, ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିବା, ଈଶ୍ୱରଙ୍କ ସୃଷ୍ଟିର ସୁରକ୍ଷା କରିବା, ଭୂଲ୍ ଠିକ୍‌ର ବିଚାର କରିବା, ମୁଁ କିଏ?, କଣ କରୁଛି, କୁଆଡ଼େ ଯାଉଛି ? ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁମ ଉପରେ ନ୍ୟସ୍ତ କରିଛନ୍ତି ଈଶ୍ୱର । କିନ୍ତୁ ଅବିବେକୀ ମଣିଷ ନିଜର ଏହି ଇନ୍ଦ୍ରିୟର ନକରାତ୍ମକ ପ୍ରୟୋଗ କରି ନିଜକୁ ବିପଥଗାମୀ କରିବା ସହ ସମଗ୍ର ଜୀବ ଜଗତର କ୍ଷତି ସାଧନା କରୁଛି ଯାହାକି କେବେ ଗ୍ରହଣୀୟ ନୁହେଁ। ଇନ୍ଦ୍ରିୟର ସଂଯମତା ରକ୍ଷା ନକରି ପାରି ସୁ- ଚିନ୍ତା କରିବାର ପ୍ରକୃଷ୍ଟ ସମୟକୁ ନଷ୍ଟ କରି ଅନ୍ୟର ମନ୍ଦ ଚିନ୍ତା କରିବାରେ ବିନିଯୋଗ କରୁଛି ।

ଏକ ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ଚିନ୍ତା ଓ ଚେତନା ଉପରେ ନିର୍ଭରକରେ । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବରେ ମଣିଷ ତାର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ । ଅନେକ ସମୟରେ ଏହା ଦେଖାଯାଇଛି ଯେ ବେକାର ହୋଇ ବସି ରହିବା ଦ୍ୱାରା ମନ ମଧ୍ୟରେ ଅନେକକୁ-ଭାବନା ଆସିଥାଏ ଯାହା ତାକୁ କୁ-ପଥଗାମୀ କରିଥାଏ । ଏକ କାର୍ଯ୍ୟରତ ମଣିଷ ଅପେକ୍ଷା ବେକାରୀ ମାନଙ୍କର ଚିନ୍ତାଧାରା ମୁଣ୍ଡ ବ୍ୟଥାର କାରଣ ହୋଇଛି। ଭାବନା ଦ୍ୱାରା ଆମେ କୌଣସି କାର୍ଯ୍ୟକୁ ଜୟ କରିପାରିବା କିନ୍ତୁ ଭାବନାର ସାମାନ୍ୟ ପରିବର୍ତ୍ତନ ତଥା ନକରାତ୍ମକ ଚିନ୍ତାଧାରା ଏକ ବ୍ୟକ୍ତିକୁ ଲକ୍ଷ୍ୟଚ୍ୟୁତ କରାଇଥାଏ । ଅର୍ଥ ପିପାସୁ ହୋଇ ମଣିଷ ତାର ଜୀବନରେ ଅନେକ ମହାଧନକୁ ଅଜ୍ଞାତରେ ପଦାନତ କରୁଛି । ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ଜ୍ଞାନର ଅଭାବ ଯୋଗୁଁ ମଣିଷ ତାର ହିତାହିତ ଜ୍ଞାନ ଭୁଲିଯାଉଛି। ଅବସର ସମୟରେ ନିଜ ଭିତରେ ଥିବା ଅନ୍ତର୍ନିହିତ ଜ୍ଞାନକୁ ଖୋଜିବା ସହ ନିଜର ଉନ୍ନତ ଭାବନା ଓ ସୁ-ଚିନ୍ତାଧାରା ମାଧ୍ୟମରେ ସମାଜର କିଭଳି ହିତ ସାଧନା ହେବା ତା ଉପରେ ଦୃଷ୍ଟି ଦେବା ନିହାତି ଜରୁରୀ । ଜୀବନ ହେଉଛି ଏକ ରଙ୍ଗ ବେରଙ୍ଗର ଖେଳ । କେବେ ନିରାମୟ ତ କେବେ ସଂଶୟ । କେବେ ବିଷାଦରେ ଭରପୁର ତ କେବେ ଆନନ୍ଦର ଲହରୀ । ଏଠି ସ୍ୱପ୍ନ ଅନେକ କିନ୍ତୁ ସ୍ୱପ୍ନ ପାଇଁ ରାତି ନିଅଣ୍ଟ। ଜୀବନର ବ୍ୟସ୍ତତା ଭିତରେ କେବେ ସୁଖର ଜୁଆର ଆସିଥାଏ ତ କେବେ ପୁଣି ଦୁଃଖର କଳାବାଦଲ ଗୋଟି ଆସେ । ଦୁଃଖ ସମୟରେ ଭାଙ୍ଗି ନପଡ଼ି କିମ୍ବା ସୁଖ ସମୟରେ ଉଲ୍ଲସିତ ନହୋଇ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ଉପଭୋଗ କରିବା ଜରୁରୀ। ଠିକ୍ ସେମିତି ଆମକୁ ମାନେ ରଖିବାକୁ ହେବ ଯେ ଖାଲି ବ୍ୟସ୍ତ ରହିଲେ ତାର କିଛି ମାନେ ନଥାଏ ଯଦି କାର୍ଯ୍ୟର ଗୁଣ ଓ ଦିଶା ଠିକ୍ ନଥାଏ। ପ୍ରକୃତ ବ୍ୟସ୍ତତା ଦ୍ୱାରା ଅକର୍ମଣ୍ୟ ବ୍ୟକ୍ତି ସ୍ୱତଃ ଉପଲବ୍ଧ ଆନନ୍ଦରେ ବଞ୍ଚିରୁହେ । ସମୟର ମୂଲ୍ୟ ହିଁ ଜୀବନର ମହତ୍ତ୍ୱ ବୋଲି ବୁଝିବାକୁ ପଡ଼ିବ । ଯଦି ଆମେ ସବୁ ସମୟରେ କିଛି ନା କିଛି ଉନ୍ନତ ଚିନ୍ତା କରିବା, କୌଣସି ଏକ ସକାରାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା, ଅନ୍ୟର କଥାରେ ମୁଣ୍ଡ ନପୁରାଇ ନିଜେ ନିଜକୁ ଚିହ୍ନିବା ତେବେ ଆମକୁ ମନ୍ଦ ଭାବିବାକୁ ସମୟ ମିଳିବ ନାହିଁ ।


ଅଧ୍ୟାପକ,ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ
ମୋ: ୯୪୩୮୦୭୦୮୪୯




## ଯୁଦ୍ଧାୟ କୃତନିଶ୍ଚୟ.....

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

> ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ।

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଙ୍ଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା । ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତି ଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି - ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।


ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭





## ସମୟ ଚକରେ ସଂସାର ରଥ

### ସତ୍ୟ ସିଂ ବାଗ



ଗଡି ଗଡି ଚାଲେ ସମୟର ଚକ
ସଂସାର ରଥରେ ଏହି ଜୀବନ
କେବେ ଦୁଃଖ ଛାୟାର ଅନ୍ଧାର
ତ କେବେ ଖୁସି ଉଜ୍ୱଳେ ଏ ମନ !

ସଂସାରେ ସଂସାରୀ ଜୀବନ ଜାପନ
ସମୟ ସୀମାରେ ହୋଇଛି ସେ ବନ୍ଧା
ସଂସାର ଜଞ୍ଜାଳ ରେ ଛନ୍ଦି ହୋଇକି
ଏ ଜୀବ କରଇ ଅନେକର ଧନ୍ଦା !

କେତେକ ହୋଇଥାଏ ଅସଫଳ
କାହାକୁ ସଫଳତାର କାଠି ଚାବି
ସମୟ ବହୁ ମୂଲ୍ୟବାନ ହେ ବନ୍ଧୁ
ନଷ୍ଟ କରନା ଗଲା ସମୟକୁ ଭାବି !

ଅଭାବେ ସ୍ୱଭାବ ହୋଇଥାଏ ନଷ୍ଟ
କାରଣ ସବୁ ସମୟ ଚକ ଖେଳର
ଭଲ ସମୟ ଆସିବ ଦିନେ ନିଶ୍ଚିତେ
ତୁ ନିଷ୍କାମ କର୍ମ କରି ଧର୍ଯ୍ୟ ଧର !

ଆମେ ଏଠି ଥିଲେ କି ନ ଥିଲେ
ସଦା ହିଁ ଚାଲୁଥିବ ଏ ରଥ ସଂସାର
ସମୟ ଅଛି ଯେ କେତେବନ୍ଧୁ ବାନ୍ଧବ
ସମୟସରିଲେ କେହିଁନୁହେଁ କାହାର !


ଗ୍ରା /ପୋ - ତେରେସିଂହା
ଭାୟା - ରିସିଡ଼ା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ: ୬୩୫୩୩୭୪୫୦୯


## ଯୌତୁକ ଜୁଇ

### ଦୀପକ କୁମାର ନାଏକ



ବଡ଼ ବାବୁ କିମ୍ବା ବଡ଼ ଘର ଦେଖି
ଝିଅ ଦବ ଯଦି ବାହା
କାନ୍ଦି କାନ୍ଦି ଝିଅ ଦିନ ଯେ କାଟିବ
ଶେଷରେ ହୋଇବ ସ୍ୱାହା !

ସଂପତ୍ତି ଲୋଭରେ ଝିଅ ବାହା
ଦେଲେ
କିଛି ଦିନ ଯାଇନଥିବ
ଯୌତୁକ ନିଆଁ ରେ ଝିଅ ମଲା
ବୋଲି
ଖବର ନିଶ୍ଚୟ ପାଇବ !

ବଡ଼ ବାବୁ ଦେଖି ବିଭାଘର କଲେ
ନୀତି ପୋଛୁଥିବ ଲୁହ
ଶେଷରେ ଶୁଣିବ ଜ୍ୱାଇଁ ହାତେ ମଲା
କା ଆଗେ କହିବ କୁହ !

ଲେଖାଟି ମୋହର ମନକୁ ତୁମର
ନେଇ ଟିକେ ଯଦି ଭାବିବ
ଭାବିଦେଲା ପରେ ମୁହଁରେ ତୁମର
ହସ ଯେ ନିଶ୍ଚୟ ଫୁଟିବ !

ଭଲ ଘର ଆଉ ଭଲ ବର ଦେଖି
ଝିଅ ଦବ ଯଦି ବାହା
ସୁଖରେ ରହିବ ଦିନେ ନ କାନ୍ଦିବ
ଝିଅ କହୁଥିବ ବାଃ ବାଃ !


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ,ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮


## କେମିତି ତୁମକୁ ମୁଁ ଭୁଲି ପାରିବି ଯେ...

### ନୂତନ କୁମାର ବେହେରା

କେମିତି ତୁମକୁ ମୁଁ ଭୁଲି ପାରିବି ଯେ...
ତୁମେ ତ ମୋ ପ୍ରେରଣା...
ତୁମକୁ ନେଇ ଖୋଜି ଚାଲିଛି ମୋ ଠିକଣା
ତୁମେ ମୋ ଲକ୍ଷ୍ୟପଥ ବୁଲେ ମୁଁ ତୁମ ଅକ୍ଷରେ
ତୁମେ ମୋ ଭରସା ବିଶ୍ୱାସର
ତୁମକୁ ନେଇ ମୁଁ କେବେ ସ୍ୱପ୍ନ ଦେଖେନି
ଭାବେ ବାସ୍ତବ ଜୀବନର ଅନେକ କିଛି
ତୁମେ ଜାଣ ମୁଁ ତୁମକୁ କେତେ ଭଲ ପାଏଁ
ମୁଁ ମଧ୍ୟ ଅନୁଭବ କରିଛି
ତୁମ ଭଲ ପାଇବାର ଗଭୀରତା
କିଛି ଦ୍ୱନ୍ଦ୍ୱ ନ ଥାଇ ବି...
ତୁମେ କୁହ ଯେତେବେଳେ ସନ୍ଦେହ ରଖି
'ମୋତେ ତୁମେ ଭୁଲିଗଲ...
ଆଘାତ ଲାଗେ ମୋ ମନରେ ପ୍ରାଣକୁ ବାଧେ
ମୋ ଭିତରୁ ପ୍ରଶ୍ନଟିଏ ଉଙ୍କି ମାରେ
କେମିତି ତୁମକୁ ମୁଁ ଭୁଲି ପାରିବି ଯେ...
ଦୁଇଟି ମନ ଏକ ହୋଇଛି ପରା
ଏକାତ୍ମ ଆମର ଭାବ ଭାବନାର ଆଶା ଆକାଂକ୍ଷା
ତୁମର ଏ ସନ୍ଦେହ ମୋତେ କଷ୍ଟ ଦିଏ
ମୁଁ ନିଜକୁ ଦେଖେ... କାହିଁ ଅବହେଳା କରିନି ତ
ବହୁତ ଭାବେ...ନିଜ ତ୍ରୁଟି ନିଜକୁ
ସହଜରେ ଜଣା ପଡ଼େ ନାହିଁ...
ସେମିତି କିଛି ହେଉଥିଲେ ସ୍ପଷ୍ଟ ନିର୍ବିକାରରେ
ତୁମେ ଯେତେବେଳେ ହେଉ କହିବ
ମଣିଷ ମାତ୍ରକେ ତ ଭୁଲ୍......
ଅଜାଣତରେ ହୁଏତଃ ମୁଁ କରୁଥିବି
ଆନ୍ତରିକତା ବଞ୍ଚି ରୁହେ... ଦୀର୍ଘାୟୁ ହୁଏ
ପରସ୍ପରର ଅଖଣ୍ଡ ବିଶ୍ୱାସ ଓ ଦୃଢ଼ ବୁଝାମଣାରେ
ସେଇ ତ ପ୍ରକୃତ ପ୍ରେମକୁ ସାକାର କରେ
ଦୁନିଆଁରେ ସ୍ୱତନ୍ତ୍ର ପରିଚୟ ଆଣିଦିଏ
କେବେ ବି ମୋ ମନକୁ ଏମିତି ପ୍ରଶ୍ନଟିଏ ଆସିନି
ତୁମକୁ ନେଇ ଆଶଙ୍କାରେ କି ସନ୍ଦେହରେ
ମୋ ଆତ୍ମବିଶ୍ୱାସକୁ ଦୁର୍ବଳ ହେବାକୁ ଦିଏନି ଜମା
ତୁମକୁ ମୁଁ କହିଛି କି କେବେ...
'ମୋତେ ତୁମେ ଭୁଲିଗଲ... ବୋଲି
ଆରେ...ମନରେ ପ୍ରାଣରେ ଯିଏ
ହୃଦୟରେ ଥରେ ଜାଗା କରି ନେଲେ ସିଏ
ତାକୁ କ'ଣ କେବେ ଭୁଲି ହୁଏ କି...
ତେଣୁ ତୁମେ ଥରେ ନୁହେଁ ବାରମ୍ବାର ଭାବ
କେମିତି ତୁମକୁ ମୁଁ ଭୁଲି ପାରିବି ଯେ....


କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

# ହାତୀ ତା' କର୍ମର ଫଳ ପାଇଲା



ସୁବ୍ରତ ଦାସ



ଜଙ୍ଗଲରେ ହାତୀଟି ଖୁବ୍ ବଳଶାଳୀ ବୋଲି ମନରେ ଗର୍ବ ଥାଏ। ସବୁ ପଶୁ ପକ୍ଷୀ ମାନେ ତା ଭୟରେ ଲୁଚି ଯାଉଥାନ୍ତି । ଦିନେ ବିଚରା ହରିଣଟି ଜଙ୍ଗଲ ସାରା ଘୁରି ଘୁରି ଆସି ସିଂହ ଗୁମ୍ଫା ରେ ପହଞ୍ଚିଲା । ସିଂହ ସେତେବେଳେ ଶୋଇଥାଏ। ହଠାତ୍ ତାର ନିଦ ଭାଙ୍ଗିଯିବାରୁ ସେ ହରିଣକୁ ଦେଖି ଆଶ୍ଚର୍ଯ୍ୟ ହେଲା । ସମସ୍ତେ ସିଂହକୁ ବଣର ରାଜା ବୋଲି ମାନନ୍ତି ଓ ସମ୍ମାନ କରନ୍ତି । ସିଂହ ହରିଣକୁ ଦେଖି ପଚାରିଲା କଥା କଣ ! ଏତେ ଡ଼ରୁଛ କାହିଁ କି ! ହରିଣ କହିଲା, ମହାଭାଗ, ଏ ଜଙ୍ଗଲରେ ହାତୀଟି ସମସ୍ତଙ୍କୁ ଡରାଉଛି। ମାର ଧର କରୁଛି । ସବୁ ପ୍ରାଣୀ ମାନେ ତା ଭୟରେ ଅତିଷ୍ଠ ହେଲେଣି ।ତାର କିଛି ବ୍ୟବସ୍ଥା କରନ୍ତୁ । ସିଂହ କହିଲା, ଠିକ୍ ଅଛି ; ମୁଁ ହାତୀ କି କହିବି । ହରିଣଟି ନିଃଶ୍ୱାସ ମାରି ତା ବସାକୁ ଫେରି ଆସିଲା । ତା ପରଦିନ ସିଂହ ହାତୀ ପାଖକୁ ଗଲା। ସାଥିରେ ବିଲୁଆ, ଭାଲୁ, ମହାବଳ, ହନୁ, ଗଧ ଓ କଜଳପାତି ଥାଆନ୍ତି । ସିଂହ ହାତୀକୁ ବୁଝାଇଲା, ହେ ଗଜରାଜ, ତୁମେ ଅଯଥା ନିରୀହ ପକ୍ଷୀଙ୍କ ବସା ଭାଙ୍ଗୁଛ । ତୁମେ ଅନ୍ୟାୟ, ଅନିତି କରୁଛ । ମାତ୍ର, ହାତୀ ସିଂହ କଥା ନ ଶୁଣିଲା ଭଳି ଚୁପ୍ ରହିଲା ।

କଜଳପାତି କହିଲା, ଆଜ୍ଞା ଆମେ ବିଚରା ପକ୍ଷୀମାନେ ଡାଳରେ ବସା ବାନ୍ଧି ରହୁଛୁ, ଆପଣ ଆମେ ରହୁଥିବା ଡ଼ାଳକୁ ଭାଙ୍ଗି ଦେଉଛନ୍ତି । ତେଣୁ ଆମେ ବାସହରା ହୋଇ ଯାଉଛୁ । ଆମ୍ଭକୁ ରକ୍ଷା କରନ୍ତୁ। ହାତୀ କହିଲା ତୁମ୍ଭେମାନେ ଏ ଜଙ୍ଗଲରେ ରହି ପାରିବନି । ତୁମେ ସବୁ କାପୁରୁଷ ଅଟ । ଆମେ ବଳଶାଳୀ ଜୀବ ଅଟୁ। ଆମେ ଜଙ୍ଗଲରେ ରହିବୁ।ସିଂହ ବୁଝାଇଲା ଦେଖ, ଗଜରାଜ, ଏ ଜଙ୍ଗଲ ସମସ୍ତଙ୍କର । ପ୍ରକୃତିର ବରଦାନ । ପ୍ରକୃତିକୁ ନଷ୍ଟ କଲେ ସଂସାର ନଷ୍ଟ ହୁଏ । ତେଣୁ ତୁମେ ମନରେ ଗର୍ବ ନ କରି ସମସ୍ତଙ୍କୁ ବଞ୍ଚିବାକୁ ଦିଅ। ମାତ୍ର ସିଂହର କଥା ହାତୀକୁ ପସନ୍ଦ ହେଲା ନାହିଁ । ଶେଷରେ ସମସ୍ତେ ନିରାଶ ହୋଇ ଫେରି ଆସିଲେ। ସମସ୍ତେ ଭଗବାନଙ୍କୁ ଡାକିଲେ । ସିଂହ କହିଲା କେବଳ ଭଗବାନ ହିଁ ତା ଗର୍ବ ଭାଙ୍ଗିବେ। ଦିନକର କଥା, ହାତୀ ଟି ଗଛ ଡାଳ ଭାଙ୍ଗୁ ଭାଙ୍ଗୁ ପିମ୍ପୁଡି ମାନେ ରହୁଥିବା ଡାଳଟି ଭାଙ୍ଗିଗଲା ।ସବୁ ପିମ୍ପୁଡ଼ି ମାନେ ଏଣେତେଣେ ବିଛୁଡ଼ି ହୋଇ ତଳେ ପଡି ଗଲେ । ଆଗରୁ ଅନେକ ଥର ଏ ହାତୀଟି ପିମ୍ପୁଡ଼ି ମାନଙ୍କ ବସା ଭାଙ୍ଗିଛି । ତେଣୁ ସବୁ ପିମ୍ପୁଡ଼ି ମାନେ ଏକଜୁଟ ହେଲେ, ଆଜି ହାତୀକୁ ପାନେ ଦେବା। ତେଣୁ ସବୁ ପିମ୍ପୁଡ଼ି ମାନେ ହାତୀ ଉପରକୁ ଚଢି ଗଲେ । କେତେକ ପିମ୍ପୁଡ଼ି ଯାଇ ହାତୀର କାନକୁ କାମୁଡି ଦେଲେ ତ ଆଉ କେତେକ ତା ଶୁଣ୍ଢ ନାକ ଭିତରେ ପଶି କାମୁଡି ଦେଲେ। ହାତୀଟି ଯନ୍ତ୍ରଣା ପାଇ ପିଟି ଛାଟି ହେଲା। ରାଗରେ କହିଲା, କିଏ ତୁମେ ? ମୋତେ ହଇରାଣ କରୁଛ । ପିମ୍ପୁଡ଼ି ମାନେ ରାଗ ସୁଝେଇବାକୁ ଯାଇ ତା କାନ, ଆଖି, ନାକକୁ କାମୁଡି ଚାଲିଲେ। ଆଉ ଯନ୍ତ୍ରଣା ସହ୍ୟ ନ କରି ପାରି ହାତୀଟି ଜୋର୍‌ରେ ଜଙ୍ଗଲରେ ଚିତ୍କାର କରି ଦୌଡ଼ି ଦୌଡ଼ି ନଦୀ ଭିତରକୁ ପଶିଗଲା । ପାଣି ଭିତରେ ପଶି ଯାଇ ନିଜ ଶରୀରକୁ ଧୋଇ ପକାଇଲା । ଏବଂ କିଛି ସମୟ ପରେ ଉପଶମ ପାଇଲା । ହେଲେ ସେ ଶିକ୍ଷା ପାଇଗଲା । ଆଉ କାହାରିକୁ ଏମିତି ହଇରାଣ ନ କରିବାକୁ ପ୍ରତିଜ୍ଞା କଲା। ସେହିଦିନଠାରୁ ସେ ଜଙ୍ଗଲ ଛାଡ଼ି ଅନ୍ୟତ୍ର ଆଡ଼କୁ ପଳେଇଗଲା। ସବୁ ପଶୁ ପକ୍ଷୀ ମାନେ ଖୁସିରେ ନାଚି ଉଠିଲେ । ସମସ୍ତେ କହିଲେ, ହାତୀ ତା କର୍ମର ଫଳ ପାଇଲା ।


+ରାଜେନ୍ଦ୍ରପୁର, ବାରିକପୁର ବଜାର,
ଭଦ୍ରକ
ମୋ:୯୪୩୭୭୩୧୯୦୩


# ପ୍ରକୃତିର ହିନ୍ଦୀ ଭାଷା ପ୍ରୀତି



ନଗେନ୍ଦ୍ର ନାଥ ପଟ୍ଟନାୟକ



ଦଶ ବର୍ଷର ଝିଅ ପ୍ରକୃତି ଖୁବ୍ ବୁଦ୍ଧିମତୀ। ପାପା-ମାମା ତାର ବହୁବର୍ଷ ଧରି ଦରିଆପାରି ଦେଶ ଆମେରିକାରେ ରହିବା ପରେ ନିଜ ଦେଶ ଭାରତକୁ ଫେରିଆସିଥିଲେ । ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଥିବା ନିଜ ଘରେ ରହିବାକୁ ଲାଗିଲେ । ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବେସରକାରୀ ସ୍କୁଲରେ ତାର ନାମଲେଖା ଯାଇଥିଲା । ପ୍ରଥମକରି ସେ ଯେତେବେଳେ ସ୍କୁଲରେ ପାଦ ଥାପିଲା ତା ଶ୍ରେଣୀର ପଢୁଆ ସାଥୀମାନେ ଜାଣିବାକୁ ପାଇଲେ ପ୍ରକୃତି କୁଆଡେ ଆମେରିକାରୁ ଓଡିଶାକୁ ଫେରି ଆସିଛି । ଶ୍ରେଣୀର ସବୁପିଲା ମଧ ତା ଦ୍ୱାରା ବେଶ୍ ପ୍ରଭାବିତ ହୋଇ ଇଂରାଜୀ ଭାଷାରେ କଥାବାର୍ତା କରିବାକୁ ଲାଗିଲେ । ସେମାନେ ଠଉରେଇ ନେଲେ ପ୍ରକୃତିକୁ ବୋଧହୁଏ ଓଡିଆ ଓ ହିନ୍ଦୀଭାଷା ବୋଲିବା ଜଣାନଥିବ । କିନ୍ତୁ ସୁଧା ଗୁରୁମା ଯେତେବେଳେ ଶ୍ରେଣୀ କକ୍ଷରେ ପ୍ରବେଶ କଲେ ପ୍ରକୃତିକୁ ତାର ପ୍ରକୃତ ପରିଚୟ ଦେବାକୁ କହିଲେ। ଉଭୟ ହିନ୍ଦୀ ଓ ଓଡିଆ ଓ ହିନ୍ଦୀ ଭାଷାରେ ପ୍ରକୃତି ନିଜର ପରିଚୟ ଦେବା ଦେଖି ଗୁରୁମା ଖୁବ୍ ଆଚମ୍ଭିତ ହୋଇଗଲେ । ସେ ମଧ ଖୁବ୍ ପ୍ରଭାବିତ ହେଲେ । ପ୍ରକୃତି ନିର୍ଭୟରେ କହିଲା -ଗୁରୁମା, ମୋ ପାପା - ମାମା କହନ୍ତି ବିଦେଶରେ ରହି ମଧ ଆମେ ନିଜ ଦେଶର ସଂସ୍କୃତି, ମାତୃଭାଷା ଓ ରାଷ୍ଟ୍ରଭାଷାକୁ ଭୁଲିଯିବା ଅନୁଚିତ । ସୁଧା ଗୁରୁମା ହସିହସି କହିଲେ -ଏଟାତ ବହୁତ ବଢିଆ କଥା। ଆଚ୍ଛା ପ୍ରକୃତି, ଆସନ୍ତା ସପ୍ତାହରେ ହିନ୍ଦୀ ଦିବସ , ତୁମେ କଣ ହିନ୍ଦୀ ଦିବସ ପାଳନ ସମାରୋହରେ ଅଂଶଗ୍ରହଣ କରିବ ନାହିଁ । ହଁ ଗୁରୁମା, ମୁଁ ନିଶ୍ଚିତ ରୂପେ ଯୋଗଦେବି ।

ସତକୁସତ ସେପ୍ଟେମ୍ବର ଚଉଦ ତାରିଖଦିନ ସ୍କୁଲର ପ୍ରଧାନ ଗୁରୁଜୀ, ଅନ୍ୟ ଗୁରୁଜୀ-ଗୁରୁମାମାନେ ଓ ସବୁଛାତ୍ର-ଛାତ୍ରୀଗଣ ସ୍କୁଲର ପ୍ରେକ୍ଷାଳୟରେ ଏକଜୁଟ ହେଲେ । ଅଧିକାଂଶ ପିଲା ଭବ୍ୟ କାର୍ଯ୍ୟକ୍ରମରେ ନିଜର ବକ୍ତୃତା ପ୍ରଦାନ କରିବାକୁ ଲାଗିଲେ । ସୁଧା ଗୁରୁମା ମଂଚାସୀନ ହୋଇ କହିଲେ -ଆମ ଦେଶ ଭାରତ ସ୍ୱାଧୀନ ହେବାର ବହୁବର୍ଷ ପରେ ମଧ ଅଧିକାଂଶ ଲୋକ ଇଂରାଜୀ ଭାଷାକୁ ମହତ୍ୱ ପ୍ରଦାନ କରନ୍ତି। ଇଂରାଜୀ ଭାଷାରେ କଥାବାର୍ତା କରି ଗର୍ବ ଅନୁଭବ କରନ୍ତି । ମୁଁ ଖୁସିରେ ତମମାନଙ୍କୁ କହିବାକୁ ଚାହେଁ ଯେ ବିଦେଶରେ ଜନ୍ମ ଓ ଲାଳନପାଳନ ହୋଇଏମିତି ପିଲାମାନେ ଅଛନ୍ତି ଯୋଉମାନେ ନିଜ ଦେଶର ରାଷ୍ଟ୍ରଭାଷା ଆଉ ସମୃଦ୍ଧ ସଂସ୍କୃତିକୁ କେବେବି ପାସୋରି ଯାଆନ୍ତି ନାଇଁ । ସୁନାଝିଅ ପ୍ରକୃତି ଆଡେଇ ସାରାକରି ସୁଧା ଗୁରୁମା କହିଲେ -ହେଇ ଦେଖ ପ୍ରକୃତିକୁ। ସେ ଗତ ହପ୍ତାହରେ ଆମେରିକାରୁ ଫେରି ଆସିଛି। ଆଜିକାର କାର୍ଯ୍ୟକ୍ରମରେ ମଧ ସକ୍ରିୟ ଅଂଶଗ୍ରହଣ କରିଛି । ପ୍ରକୃତି ସୁସଜ୍ଜିତ ମଂଚ ଉପରକୁ ଉଠି ଆସିବାମାତ୍ରେ ଉପସ୍ଥିତ ଛାତ୍ର-ଛାତ୍ରୀମାନେ ତାଳିମାରି ତାକୁ ସ୍ୱାଗତ କଲେ । ପ୍ରକୃତିକହିଲା -ସମ୍ମାନନୀୟ ପ୍ରଧାନଗୁରୁଜୀ, ଗୁରୁଜୀ-ଗୁରୁମାଗଣ ଆଉମୋର ପ୍ରିୟ ସାଥୀମାନଙ୍କୁ ମୋର ଅଭିବାଦନ, ଚଉଦ ସେପ୍ଟେମ୍ବର ୧୯୪୯ ମସିହାରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ପ୍ରଦାନ କରାଯାଇଥିଲା । ସେବେଠୁ ଏ ଦିବସକୁ ଆମେ ହିନ୍ଦୀ ଦିବସରୂପେ ପାଳନ କରିଆସିଛୁ । ଏଇ ଦିବସକୁ ବେଶ୍ ଜାକଜମକରେ ପାଳନ କରାଯାଏ। ସ୍କୁଲ କଲେଜ ଓ ସବୁ ଅଫିସ୍‌ରେ ଗଠନାତ୍ମକ କାର୍ଯ୍ୟକ୍ରମମାନ ଅନୁଷ୍ଠିତହୁଏ। କିନ୍ତୁ ଏସବୁ ଦ୍ୱାରା କଣ ଆମର କର୍ତବ୍ୟ ପୂରା ହୋଇଯାଏ ? ହିନ୍ଦୀ ଆମର ରାଷ୍ଟ୍ରଭାଷା, ଆମେଏ ହାକୁ ସମ୍ମାନ କରିବାଉଚିତା ଅଧିକରୁ ଅଧିକ ଏହାକୁ ବ୍ୟବହାର କରିବା ନିହାତି ଜରୁରୀ । ବିଦେଶରେ ଅବସ୍ଥାନ କରି ମଧ ଭାରତୀୟମାନେ ଯେତେବେଳେ ନିଜ ମାତୃଭାଷା ଓ ରାଷ୍ଟ୍ରଭାଷାକୁ ମହତ୍ୱ ପ୍ରଦାନ କରୁଛନ୍ତି ଆମେ କାହିଁକି କରିପାରିବା ନାହିଁ ? ସର୍ବୋପରି ଆମେ ସମସ୍ତେ ଭାରତୀୟ -ଏକଥା ଆମେ ବିସୋରି ଯିବା ଅନୁଚିତ । ଆଉ ଆମେସବୁ ନିଜ ରାଷ୍ଟ୍ରଭାଷା ହିନ୍ଦୀକୁ ନେଇ ଗର୍ବ କରିବା ଉଚିତ ମନେହେବ। ଏତିକି କହି ପ୍ରକୃତି ତୁନି ପଡିଯିବାରୁ ଉପସ୍ଥିତ ଶ୍ରୋତାଙ୍କ ଘନଘନ ତାଳିମାଡ ଶବ୍ଦରେ ପ୍ରେକ୍ଷାଳୟ କମ୍ପିଉଠିଲା ପ୍ରଧାନ ଗୁରୁଜୀ ପ୍ରକୃତି ପିଠିକୁ ଆଉଁଶି ଦେଇ କହିଲେ ସାବାସ୍ ଝିଅ । ଏହାପରେ ପ୍ରକୃତିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଗଲା । ସ୍କୁଲର ଛାତ୍ର-ଛାତ୍ରୀମାନେ ପ୍ରକୃତିକୁ ତାରିଫ କରିବାକୁ ଲାଗିଲେ ।


+ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


## କବିତା
ତୁମ ପାଇଁ

### ଗଉରା ଗାଇଲା ଗୀତ
ପ୍ରଶାନ୍ତ କୁମାର ଦାଶ

ହଟିଲା ଅନ୍ଧାର ଫୁଟିଲା ମନ୍ଦାର
ସକାଳ ଆସିଲା ହସି
ଆକାଶଛାତିରୁ ଘାସର ପିଠିରେ
ଶିଶିର ପଡିଲା ଖସି ।

ବୋଉ ନିଦୁଉଠି ସାରିଦେଲା ସବୁ
ଘରର ବାକିଆ କାମ
ଘଣ୍ଟ ଘଣ୍ଟି ସୁରେ ଉଛୁଳି ଉଠିଲା
ଗାଆଁଦେବ ଦେବୀ ଧାମ ।

ଗଉରା ଦେଖିଲା ରାତି ପାହିଲାଣି
ପଡିଚି କଅଁଳ ଖରା
ଖରାପଡି ଗାଆଁମାଟି ଝଲ ମଲ
ଗଛେ ଫୁଲ ଫଳ ଭରା ।

ରାତି ପାହିଯିବା ଆଗୁ ନିଦୁ ଉଠି
ଉଡିଲେଣି କୁନି ପକ୍ଷୀ
ଫୁଲ ତୋଳି ଆଣି ହାର ଗୁଂଥୁଅଛି
ଅଗଣାରେ ବସି ସଖୀ ।

ସପନା ଗୁଡ଼ିଆ ଛାଣିଲାଣି ବସି
ପିଆଜି ପକୁଡି ବରା
ପାଣି ଆଣିବାକୁ ଯାଏ ପୋଖରୀକୁ
ଖୁଡି କାଖେଧରି ଗରା ।

ଅଳସ ତଡିକି କ୍ଷେତ ମାଟି ଦେହେ
ଗଉରା ପୋତିଲା ଚାରା
ଗଛ ବଡ ହେବ ଫୁଲ ଫଳ ଦେବ
ହସିବ ଦୁନିଆ ସାରା ।

ଶୀତକୁ ନଡରି ଗଉରା ଗାଇଲା
ଫସଲ କ୍ଷେତରେ ଗୀତ
ଶୀତତ ଆମର ଉପକାରୀ ମିତ
ସାଧିବ ସଂସାର ହିତ ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦




### ଗଛ ଲଗାଇବା ଆସ
ଧ୍ରୁବ ଚରଣ ବେହେରା

ଗଛଟି ଅଟଇ ଅତି ଉପକାରୀ
ନ କାଟିବ ତା'କୁ ଭାଇ
କେତେ କଷ୍ଟେ ସିଏ ସହି ବର୍ଷା ଖରା
ଆମ ପାଇଁ ବଞ୍ଚିଥାଇ ।

ଯୋଗାଏ ଆମକୁ ଫୁଲ ଫଳ ଛାଇ
ଜାଳେଣି କାଠ ଓ ପତ୍ର
ହୋଇଯାଏ ଜଦି ଅଦରକାରୀ କେବେ
ନିଜେ ସଢି ହୁଏ ଖତ ।

ଜୈବିକ ଆହାର ନାମେ ଶ୍ରେୟ ପାଏ
ସଶକ୍ତ କରେ ଫସଲ
ତା' ଗଣ୍ଡି ହୁଅଇ ଆସ ବାସ ପୁଣି
ବୃକ୍ଷେ ପରିବେଶ ଭଲ ।

ମୁଣ୍ଡ ପିଛ ଆସ ଲଗାଇବା ଗଛ
ସବୁଜ ହୋଇବ ଧରା
ନ କରିବା ପଦା ଜଙ୍ଗଲକୁ କାଟି
ହସିବ ଦୁନିଆ ସାରା ।

ବରଷିବ ବର୍ଷା ଉଚିତ ସମୟେ
ନଦୀ ନାଳ ଯିବ ଭରି
ଗଛ ଠାରୁ କେହି ନୁହେଁ ବଡ ଦାତା
ଶ୍ରେଷ୍ଠ ସିଏ ଉପକାରୀ ।

ଏକ ବୃକ୍ଷ ଏକ ଜୀବନ ଅଟଇ
ନ ଭୁଲିବା ଏହି ପଣ
ଆସ ଲଗାଇବା ମିଳି ମିଶି ଗଛ
ଏହା ହିଁ ଅମୂଲ୍ୟ ଦାନ ।


+ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


### ଆମ ଗାଆଁ ଜଙ୍ଗଲ
ଲକ୍ଷ୍ମୀଧର ସିଂ

ସବୁଜ ସୁନ୍ଦର ଜଙ୍ଗଲ
ଗାଆଁକୁ ଆମର ଲାଗିଛି
ନାନା ଜାତି ତରୁ ଲତା ଯେ
ଶୋଭା ତାର ବଢ଼ାଉଛି ।
ପଶୁ ପକ୍ଷୀ କୀଟ ପତଙ୍ଗ
କୋଳେ ତା'ର ରହିଛନ୍ତି
ସଭିଏଁ ତା'ର ଆପଣାର
କେହି ଯେ ପର ନୁହନ୍ତି ।
କେତେ ଫଳ, କାଠ, ପତର
ପାଉଅଛୁ ଜଙ୍ଗଲରୁ
ଲାଖ, ଝୁଣା,ମହୁ, ଟସର
ପାଉ ପୁଣି ତା'ପାଖରୁ ।
ଜଙ୍ଗଲର ଗଛ ଆମକୁ
ଦେଉଅଛି ଅମ୍ଳଜାନ
ଅମ୍ଳଜାନ ଯୋଗୁଁ ପ୍ରାଣୀର
ଦେହେ ଅଛି ସିନା ପ୍ରାଣ ।
ଗାଆଁର ଯେତେ ଛେଳି ଗୋରୁ
ଜଙ୍ଗଲେ ଯାଆନ୍ତି ଚରି
ଆମ ଗାଆଁ ଲୋକେ ଚଳନ୍ତି
ଜଙ୍ଗଲେ ନିର୍ଭର କରି ।
ଆମ ପରିବେଶ ସୁନ୍ଦର
ରହିଛି ଜଙ୍ଗଲ ବୋଲି
ତା'ର ଉପକାର କେବେ ତ
ପାରିବାନି ଆମେ ଭୁଲି ।
ଜଙ୍ଗଲ ଆମ ବନ୍ଧୁ ଅଟେ
ଅନିଷ୍ଟ ତା'ର କରିବାନି
କରିବା ଜଙ୍ଗଲ ସୁରକ୍ଷା
ଅଯଥା ଗଛ କାଟିବାନି ।
ଦୁଷ୍ଟ ଯେତେଲୋକ ନିଅନ୍ତି
ଜଙ୍ଗଲରୁ ଗଛ କାଟି
ଆସ ବୁଝାଇବା ସଭିଙ୍କୁ
ଜଙ୍ଗଲ ଉପକାରଟି ।


+ ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ- ୬୩୭୦୦୨୬୮୦୫


### ବୀର ସୈନିକ ହେବି
ଧୀରେନ୍ଦ୍ର ମଲ୍ଲିକ

ବଡ଼ ହେଲେ ମୁହିଁ ସଇନିକ ହେବି
କରୁଅଛି ଆଜି ପଣ ,
ହାତରେ ବନ୍ଧୁକ ଧରିକି ବୁଲିବି
ପାହାଡ଼ ଜଙ୍ଗଲ ବଣ ।

ହୁସିଆର ପରା ରହିବି ନିଇତି
ହୋଇବି ଚତୁର ଭାରି ,
ଶତ୍ରୁଙ୍କ ସାଙ୍ଗରେ ଲଢ଼ିବି ନିର୍ଭୟେ
ଯିବିନାହିଁ କେବେ ହାରି ।

ଦେଶର ସୁରକ୍ଷା ଆଗ ମୋର ଚିନ୍ତା
ଆଉସବୁ କଥା ପରେ ,
ଦେଶବାସୀଙ୍କର ଅମଙ୍ଗଳ କେବେ
ଭାବିବିନାହିଁ ମୁଁ ଥରେ ।

ଭୋକ ଉପାସରେ ହେଉବା ଦୁଃଖରେ
ରହିଥିଲେ ପଛେ ମୁଇଁ ,
ବିପଦ ଯେବେବି ଆସିବ ଧାଇଁବି
କହୁଛି ମଥାକୁ ଛୁଇଁ ।

ଶତ୍ରୁଙ୍କ ଗୁଳିରେ ଗଲେ ମୋ ଜୀବନ
କରିବିନି ଦୁଃଖ କେବେ ,
ଧନ୍ୟ ମୋ ଜୀବନ ହେଲା ଜାଣି ପ୍ରଭୁ
ଚରଣରେ ଜାଗା ଦେବେ ।

ଭାରତ ମାଆର ସାହସୀ ସନ୍ତାନ
ପଛଘୁଞ୍ଚା କାହିଁ ଦେବି,
ଶତ୍ରୁକୁ ମାରିକି ତ୍ରୀରଙ୍ଗା ଉଡ଼ାଇ
ବୀର ସଇନିକ ହେବି ।


+ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର
ଫୋନ- ୭୯୦୪୩୯୨୬୮୬




### ଶୀତ ସକାଳର ଗୀତ
ଡ. ଦୀପକ କୁମାର ମିଶ୍ର

ପୂରୁବ ଦିଗରେ ସୂରୁଜ ଉଇଁଛି
କାକର ଦିଶୁଛି ଧଳା
ଡାମରା କାଉଟି କା' କା' ରାବେ
ରଙ୍ଗ ତା'ର ଦିଶେ କଳା ।

ଧୀର କିନା ଶୀତ ଆସିଲାଣି ମାଡ଼ି
ବିଛଣା ଛାଡ଼ିନି କୁନା
ସ୍କୁଲକୁ ଯିବାକୁ ସମୟ ହେଲାଣି
ବୋଉ କରେ ମନ ଉଣା ।

କ୍ଷୀର ମଉସାଟି ଡାକି କହିଲାଣି
କ୍ଷୀର ନେଇଯାଅ ଆସି
ହସି ହସି ବାପା କହୁଛନ୍ତି ତାଙ୍କୁ
ଦ୍ୱେ ନାହିଁ କ୍ଷୀର ବାସି ।

ଖବରକାଗଜ ଖଣ୍ଡେ ଦେଇଗଲା
ଅଗଣାରେ ଖନା ଭାଇ
ବକେୟା ପଇସା ପଇଠ ଦେବାକୁ
ଯାଉ ଯାଉ ଗଲା କହି ।

କାଳିଆ ନନାଟି ପକାଉଛି ରଡ଼ି
ଅଗଣା ପାଖରେ ବସି
ଚାରିବିଡ଼ା ଅଛି ପାଳଙ୍ଗ ଶାଗ ମା'
ନେଇଯାଅ ଟିକେ ଆସି ।

କୁନା ବସିଲାଣି ବାବୁନା ଅଟୋରେ
ପଢ଼ିବାକୁ ଯିବ ପାଠ
ବିଳମ୍ବ ହୋଇଲେ ଗଣିତ କ୍ଲାସରେ
ବସିଯିବ ଶକ୍ତ ଛାଟ ।

ଏହିପରି ଭାବେ ଶୀତ ସକାଳଟି
କଟିଯାଏ ସବୁଦିନେ
ଋତୁ ପରେ ଋତୁ ଆସି ଚାଲିଯାଏ
ଶୀତ ରହିଯାଏ ମନେ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### କହିବ କି ତା'ର ନାମ କିଏ ?
ରତ୍ନକାନ୍ତି ମିଶ୍ର

(୧)
ଡେଙ୍ଗା ଗଛର ଫଳ ଟିଏ
ଉପରକୁ ଟାଣ ଭାରି ସିଏ
ଭିତରେ ନରମ,ଭାରି ସୁଆଦିଆ
ଠାକୁର ପୂଜାରେ ଲୋଡା ହୁଏ
ଶ୍ରୀଫଳ ନାମରେ ପରିଚିତ ପରା
କହିବ କି ତା'ର ନାମ କିଏ ? (ନଡ଼ିଆ)
(୨)
ସେ ଫଳର ଥାଏ ଜଟ ଟିଏ
ବୁଦା ଗହଳରେ ଛପି ଥାଏ
ରସ ତା'ର ଖୁବ୍ ସୁଆଦିଆ ପରା
ପୋଷକ ତତ୍ତ୍ୱ ରେ ଭରିଥାଏ
ଆଖି ଆକୃତିର ଚିହ୍ନ ତା'ର ଦେହେ
କହିବ କି ତା'ର ନାମ କିଏ ? (ସପୁରୀ)
(୩)
ଫଳଟିଏ ସେତ ଗୋଲାକାର
ତିନି କୋଷେ ରସ ଭରପୁର
ପାଚିଲେ ତା' ରସେ ହୁଏ ପୁଣି ଗୁଡ
କିଏ କରି ଖାଏ ପିଠା ଟିଏ
ଚମାର ହିଁ ତାକୁ ତୋଳଇ ଗଛରୁ
କହିବ କି ତା'ର ନାମ କିଏ ? ( ତାଳ)
(୪)
ବଡ ଆକାରର ଫଳଟିଏ
ଖରାଦିନ ହେଲେ ପାଚେ ସିଏ
ଚୋପା ତା'ର ଟାଣ କଣ୍ଟା କଣ୍ଟା ସିନା
ଭିତରେ ରସାଳ ଖୋସା ଥାଏ
ଅନେକ ମଞ୍ଜିର ସମାହାର ସେଠି
କହିବ କି ତା'ର ନାମ କିଏ ? (ପଣସ)


+ ଆଳି, କେନ୍ଦ୍ରାପଡା




# ମନରେଗାରେ ରାସ୍ତା ନିର୍ମାଣ ନାଁରେ ଅର୍ଥ ହଡ଼ପ: ୮ଗାଁ ବେଛପରି, ସରକାରୀ ରେକର୍ଡରେ ରାଜସ୍ୱ




ଜଗନ୍ନାଥପ୍ରସାଦ , ୦୮/୧୨ (ନି.ପ୍ର): ଜଗନ୍ନାଥପ୍ରସାଦ ଲୋକ ନାହାନ୍ତି କି, ଘର ନାହିଁ। ବେଛପରି। ତଥାପି ୮ଟି ଗାଁକୁ ସରକାରୀ ରେକର୍ଡରେ ରାଜସ୍ୱ ମାନ୍ୟତା ମିଳିଛି। ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ୍ ଅଧୀନ ୮ଟି ଗ୍ରାମକୁ ଏଭଳି ମାନ୍ୟତା ଦିଆଯାଇଛି। ଏଠାରେ ଜନବସତି ନଥିବା ବେଳେ ଗାଁଗୁଡ଼ିକୁ ମନରେଗା ଯୋଜନାରେ କିନ୍ତୁ ରାସ୍ତା ନିର୍ମାଣ ହେଉଛି। ସୂଚନା ଅନୁସାରେ ଜଗନ୍ନାଥପ୍ରସାଦ ବ୍ଲକ୍‌ର ୨୫ ପଞ୍ଚାୟତ ?ରେ ରହିଛି ୧୪୮ଟି ରାଜସ୍ୱ ଗ୍ରାମ। ତେବେ ପ୍ରତାପପୁର ପଞ୍ଚାୟତର ବରପାଲ୍ଲୀ, ଝାଡ଼ଭୂମିର ଖଇରପୁଟି, ପଞ୍ଚଭୂତିର ପାନ୍ତିଆମା, ଗେରେଡ଼ାର କ୍ରିୟାଧର ଓ ତେନ୍ତୁଳିପଲ୍ଲୀ, ଜଗନ୍ନାଥପ୍ରସାଦ ପଞ୍ଚାୟତର କଉରାପଲ୍ଲୀ, ବାଇନାପଲ୍ଲୀ ଓ କନ୍ଧଗାଲିରୀ ଭଳି ୮ଟି ଗ୍ରାମ ବେଛପରି। ଆବହମାନ କାଳରୁ ସେଠାରେ କେହି ବି ରହୁନାହାନ୍ତି। ତଥାପି ଏହି ସବୁ ଗ୍ରାମକୁ କେଉଁ ଆଧାରରେ ରାଜସ୍ୱ ଗ୍ରାମ ବୋଲି ଦର୍ଶାଯାଉଛି ଏହାକୁ ନେଇ ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାନ୍ତିଆମା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ରାଣୀଭୂମିରେ ଚାଲୁଛି। ଏପରିକି ପାନ୍ତିଆମା ଓ କନ୍ଧଗାଲିରୀ ଗ୍ରାମରେ ମନରେଗା ଯୋଜନାରେ ରାସ୍ତା ନିର୍ମାଣ ହୋଇଥିବା ଦର୍ଶାଯାଇଛି। ଆକୁଲକୁମ୍ପା ଗ୍ରାମବାସୀ କହିଛନ୍ତି, ଘଞ୍ଚ ଜଙ୍ଗଲ ଭିତରେ ରହିଥିବା କନ୍ଧଗାଲିରୀ ଇଲାକାରେ ପାଖାପାଖି ୬୦ ବର୍ଷ ତଳେ ସେମାନଙ୍କ ଜନବସତି ଗଢ଼ି ଉଠିଥିଲା। ବାଘ ଆକ୍ରମଣରେ କିଛି ଲୋକ ପ୍ରାଣ ହରାଇବାରୁ ସେମାନେ ସେଠାରୁ ଘରଦ୍ୱାର ଛାଡ଼ି ଚାଲିଆସି ନୂତନ ବସତି ସ୍ଥାପନ କରିଥିଲେ। ଯାହାର ନାମ ଆକୁଲକୁମ୍ପା ରଖାଯାଇଥିଲା। ଏହାମଧ୍ୟରେ ଆକୁଲକୁମ୍ପା ଗ୍ରାମକୁ ବିଧିବଦ୍ଧ ଭାବେ ରାଜସ୍ୱ ଗ୍ରାମ ମାନ୍ୟତା ମିଳିସାରିଛି। କିନ୍ତୁ ଏହି ଗ୍ରାମର ବିକାଶ କରିବା ପରିବର୍ତ୍ତେ, ଜନବସତିଶୂନ୍ୟ କନ୍ଧଗାଲିରୀରେ ୫ ଲକ୍ଷ ଟଙ୍କାରେ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କରାଯାଇ ଅନୁଦାନ ହଡ଼ପ ହୋଇଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି। କନ୍ଧଗାଲିରୀ ଗାଁ ଏବେ ହାତୀଙ୍କ ବିଚରଣସ୍ଥଳ ପାଲଟିଛି। ସେହିପରି ଅନ୍ୟ ବେଛପରି ଗ୍ରାମ ଗୁଡ଼ିକରେ ବିକାଶମୂଳକ ଯୋଜନା ହାତକୁ ନିଆଯାଇ ଲକ୍ଷାଧିକ ଟଙ୍କା ଚଳୁ ହେଉଛି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ହେଲେ, ଅନେକ ଅନିୟମିତତା ସାମ୍ନାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି।

# ବଲାଙ୍ଗିର ଜିଲ୍ଲାରେ ଓବିସି ଜନଜାଗରଣ ଯାତ୍ରା

ବଲାଙ୍ଗିର, ୦୮/୧୨ (ନି.ପ୍ର): ଓବିସି ଜନଜାଗରଣ ଯାତ୍ରା ବଲାଙ୍ଗିର ଜିଲ୍ଲାର ସାଲେଭଟା ଚଣ୍ଡି ମନ୍ଦିର ଠାରୁ ଆଜି ବାହାରି ସାଲେଭଟାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଆନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶହ ଶହ ଓବିସି ଜନସାଧାରଣ ଜାଗରଣ ଯାତ୍ରାକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଆଗଲପୁର ବ୍ଲକ ଡୁଡୁକା ଗ୍ରାମ ଠାରେ ସରପଂଚ ଅଶୋକ କୁମାର ପଟେଲ, ପେକ୍ସ ସଭାପତି ବଳରାମ ପଟେଲଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ଲୋଇସିଂହା ବ୍ଲକର ବୁର୍ଡା ଗ୍ରାମରେ ରାଜ୍ୟ ଡୁମାଲ ପରିଷଦ ସଂପାଦକ ଇନ୍ଦ୍ରମଣି ବାରିକଙ୍କ ନେତୃତ୍ୱରେ ଓବିସି ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ । ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଶଙ୍କରଭୋଜି ଗ୍ରାମ ଠାରେ ମା ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠିର ସଭାନେତ୍ରୀ ତଥା ଗ୍ରାମବାସୀ ଓବିସି ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଓବିସି ମଂଚର ସଭାପତି ଶଙ୍କର ପାତ୍ର, କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ, ବିରଂଚି ସାହୁ, ଉପ-ସଭାପତି କିଶୋର ଚନ୍ଦ୍ର ସାଏ, ଓବିସି ମଂଚ ସଂଯୋଜକ ସରୋଜ କୁମାର ମେଶ୍ରା, ନବସେତୁର ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଓବିସିଙ୍କ ହକ୍ ଏବଂ ଅଧିକାରୀ ପାଇଁ ଆଗାମୀ ଦିନରେ ସରକାରଙ୍କ ଠାରେ ଲଢେଇ ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଯଦି ଆଗାମୀ ଦିନରେ ଓବିସିଙ୍କୁ ସମାନୁପାତିକ ସଂରକ୍ଷଣ ସମସ୍ତ କ୍ଷେତ୍ରରେ ଦିଆ ନ ଗଲେ ରାଜ୍ୟସାରା ଆନ୍ଦୋଳନ ହେବ ବୋଲି ରାଜ୍ୟ ସଭାପତି ଶଙ୍କର ପାତ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ । ତାପରେ ଜନଜାଗାରଣ ଯାତ୍ରା ରଥ ବଲାଙ୍ଗିର ଭାଗିରଥି ଠାରେ ପହଂଚି ଥିଲା । ସେଠାରେ ସନ୍ଧ୍ୟା ୭ ଟା ସମୟରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜାତି ସମାଜର କର୍ମକର୍ତା ଉପସ୍ଥିତ ରହି ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଓଡିଶାର ଓବିସି ମଂଚ ସଭାପତି ଶଙ୍କର ପାତ୍ର, କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ, ପ୍ରବକ୍ତା ବିରଂଚି ସାହୁ, ସଂଯୋଜକ ସରୋଜ କୁମାର ମେଶ୍ରା, ଉପ-ସଭାପତି କିଶୋର ଚନ୍ଦ୍ର ସାଏ, କୁଲୁତା ସମାଜ ସଭାପତି ବେଲାରସିଂ ଭୋଇ, ନବସେତୁ ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଧୁବୈଶ୍ୟ ସମାଜର ମନୋରଂଜନ ସାହୁ, ଟଙ୍କଧର ଗଡତ୍ୟା, ବିଦେଶୀ ପ୍ରଧାନ, ସଂଜୟ ଭୋଇ, ଡୁମାଲ ସମାଜର ସଂଜୟ ମହାକୁର, ମଧୁ କ୍ଷେତୀ, ପ୍ରହଲ୍ଲାଦ ଭୋଇ, ନାରୀ ନେତ୍ରୀ ଶୁଭାସିନୀ ସାହୁ, କିଶୋର ଚନ୍ଦ୍ର ସାଏ, ରାହାସ ବିହାରୀ ମାଝି, ଅଘରିଆ ସମାଜର ସଭାପତି ଶୁଭ୍ରାଂଶୁ ପଟେଲ ଉଦ୍‌ବୋଧନ ଦେଇଥିଲେ । ଶେଷରେ ବଲାଙ୍ଗିର ଜିଲ୍ଲା ଓବିସି ମଂଚର ସଂଯୋଜକ ସରୋଜ କୁମାର ମେଶ୍ରା ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁଚାପଜନିତ ଲଗାଣ ବର୍ଷାରେ ଗଞ୍ଜାମ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ

ଗଞ୍ଜାମ, ୦୮/୧୨ (ନି.ପ୍ର): ବାତ୍ୟା ମିଗଜୋମ୍ ତଥା ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ହଜାର ହଜାର ଏକର ଧାନ ଫସଲ ଜମିରେ ବର୍ଷା ପାଣିରେ ଭିଜୁଛି । ଅମଳ ହେବାକୁଥିବା ପାଚିଲାଧାନ ବର୍ଷା ପାଣିରେ ବୁଡି ରହିଛି । ଅନେକ ସ୍ଥାନରେ ଧାନ ଗଜାହୋଇ ସାରିଲାଣି। ମରୁଡ଼ି ଅବସ୍ଥା ପରେ ବର୍ତ୍ତମାନ ଲଘୁଚାପଜନିତ ବର୍ଷା ଚାଷୀଙ୍କ ଉପରେ ବେଡି ଉପରେ କୋରଡାମାଡ ସଦୃଶ ହୋଇଛି। ଯାହା ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଛି। ବର୍ଷା ପରେ ଦୁଇ ଦିନ ହେଲା ଆକାଶମେଘୁଆ ରହିଥିବାରୁ ଅର୍ଥକାରୀ ଫସଲରେ ମଧ ପୋକଲାଗିବା ସହ ଗଛଗୁଡିକର ମୂଳ କ୍ଷେତରେ ଜମିଥିବା ବର୍ଷାପାଣିରେ ବୁଡି ରହିଛି । ଶେରଗଡ, ବୁଗୁଡା, ଆସିକା, ହିଞ୍ଜଳିକାଟୁ, ଧରାକୋଟ, କୁକୁଡାଖଣ୍ଡି ସାନଖେମୁଣ୍ଡି ବ୍ଲକର ଖାଲୁଆ ଅଂଚଳରେ ବ୍ୟାପକ କ୍ଷତି ଘଟିଥିବା ଜଣାପଡ଼ିଛି । ତୁରନ୍ତ ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୋର, ୦୮/୧୨ (ନି.ପ୍ର): ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଓଡିଶା ସରକାର ଙ୍କ ପ୍ରାୟୋଜିତ ନୂଆ -ଓ-୨୦୨୩ ଯୋଜନା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଭିନ୍ନ ପ୍ରତିଯୋଗିତା ର ଶୁଭ ଉଦଘାଟନ କରିଛନ୍ତି ଗୋପୀନାଥପୁର ଗ୍ରାମ ପଂଚାୟତ ର ସରପଞ୍ଚ ଶ୍ରୀମତୀ ବନିତା ପଣ୍ଡା, କଲେଜ ଅଧକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଏଥି ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାର ସଭାପତିତ୍ୱ କରିଥିଲେ । ଛାତ୍ର ଛାତ୍ରୀ ମାନେ ସେମାନଙ୍କର ବୌଦ୍ଧିକ ଓ ଦକ୍ଷତା ବିକାଶ ର ସୁଯୋଗ କୁ ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାଧାପକ ପୂର୍ଣଚନ୍ଦ୍ର ବେହେରା, ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପୁଣ୍ୟବ୍ରତ ମହାନ୍ତି ସବୁ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ଅଧାପକ ବିଜୟ କୁମାର ମହାଳିକ, ଅଜୟ କୁମାର ବାରିକ, ଅଧାପିକା ରଂଜିତା ବାଳା ମହାପାତ୍ର, ନିବେଦିତା ମଲିକ, ସନ୍ଧ୍ୟାରାଣୀ ଜେନା, କର୍ମଚାରି ଭରତ ଚନ୍ଦ୍ର ମାହାନା ଓ ପ୍ରଦ୍ୟୁମ୍ନ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ । ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉଳ ଓ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ପରି ଶେଷରେ ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ରାଜୁଆ ବ୍ୟାରେଜର ଅସଂପୂର୍ଣ୍ଣ କାମ ଶେଷ କରିବାକୁ ସ୍ମାରକପତ୍ର



ଖୋର୍ଦ୍ଧା, ୦୮/୧୨ (ନି.ପ୍ର): ଅଗଷ୍ଟ ମାସରେ ତତ୍‌କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଖୋର୍ଦ୍ଧା ଜିଲ୍ଲାରେ ଜନ ଅଭିଯୋଗ ଶୁଣାଣି ସମୟରେ ଖୋର୍ଦ୍ଧାର ଚାଷୀମାନେ ରାଜୁଆ ଜଳସେଚନର ନିର୍ମାଣ ନେଇ ସ୍ମାରକପତ୍ର ଦେଇଥିଲେ। ଚାଷୀଙ୍କ ଦାବି ଅନୁସାରେ ୪୨ କୋଟି ମଞ୍ଜୁର କରାଯାଇଛି। ତେବେ ପ୍ରତିଶ୍ରୁତି ଅନୁସାରେ ଏଯାଏଁ ଜଳସେଚନ ପ୍ରକଳ୍ପର କାମ ଆରମ୍ଭ ହୋଇନଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି କାମକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ବ୍ରଜମୋହନପୁର ସରପଞ୍ଚଙ୍କ ସହ ବ୍ରଜମୋହନପୁର, ଧଉଳିମୁହଁ, ନରଣଗଡ଼, ଓରବରସିଂହ, କଣାସ ବ୍ଲକର ଗଡ଼ସାନପୁଟର ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ରାଜୁଆ ଜଳସେଚନ ପ୍ରକଳ୍ପକୁ ପ୍ରତିଶ୍ରୁତି ଅନୁସାରେ ସଂପୂର୍ଣ୍ଣ କରିବାକୁ ଅନୁରୋଧ କରିଛନ୍ତି। ଏହାସହ ରାଜୁଆ ଓ ଦୟାରେ ଅନୁଦାନ ଅର୍ଥକୁ କିଭଳି ବିନିଯୋଗ କରାଯିବ ସେନେଇ ଆବଶ୍ୟକମତାମତ ରଖିଛନ୍ତି। ସେମାନଙ୍କ କହିବାନୁସାରେ, ରାଜୁଆ ଜଳସେଚନ ବ୍ୟାରେଜର ସିଂହଭାଗ କାମ ଶେଷ ହୋଇଛି। ପ୍ୟାକେଜ-୧ର ବ୍ୟାରେଜ ନିର୍ମାଣ କାମ ପ୍ରାୟତଃଶେଷ ହୋଇଛି। ପ୍ୟାକେଜ-୨ରେ ୩-୪ଜଣ ଚାଷୀଙ୍କ ଘରୋଇ ଜମି ଅଧିଗ୍ରହଣ କରାଯିବାକୁ ଅଛି। ଏହା ସହ ପାଣ୍ଡିଆବିଲି ଠାରେ ଦୟାନଦୀ ମୁହଁରେ ଏକ ସ୍ଥାୟୀ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ଅନେକ ଚାଷୀ ଉପକୃତ ହୁଅନ୍ତେ। ସେହିଭଳି ପ୍ୟାକେଜ୍-୩ରେ ବଡ଼ପୁଟ ଠାରୁ କଣାସ ଓ ବଡ଼ପୁଟ ଠାରୁ ତିଗିରିଆ ପର୍ଯ୍ୟନ୍ତ ମୁଖ୍ୟକେନାଲ୍ ରାସ୍ତା, ସବ ମାଇନର କେନାଲ୍ ଜମି ଅଧିଗ୍ରହଣ ଶେଷ ହୋଇଛି କେବଳ ବ୍ୟାରେଜ ଜଳକୁ ଚାଷ ଜମିକୁ ଛାଡ଼ିବା ବାକି ରହିଛି। ପ୍ୟାକେଜ୍-୪ରେ ୫-୬ ଟି ସବ୍ ମାଇନର କେନାଲ୍‌ପାଇଁ ଜମି ଅଧିଗ୍ରହଣ, କେନାଲ୍‌ବନ୍ଧ ରେ ମୋରମ ରାସ୍ତାର ମରାମତି, ଜଳ ନିଷ୍କାସନ ପାଇଁ ଗାଁରୁ ଗହିର, କେନାଲ୍ ପାରି ହେବାକୁ ପୋଲ ଆଦି କାମ ବଳକା ରହିଛି। ପ୍ୟାକେଜ୍-୪ ହେଉଛି ରାଜୁଆ ଜଳସେଚନ ବ୍ୟାରେଜର ଡାହାର ପଟ ମୁଖ୍ୟକେନାଲ୍ ଟିମେଇପୁର କଣ୍ଟାବଣିଆ ଦେଇ ବ୍ରଜମୋହନପୁର, ଗୋପିନାଥପୁର, ରାମଚଣ୍ଡୀ, ନରଣଗଡ଼, ହାଡ଼ପଦା ପର୍ଯ୍ୟନ୍ତ। ସେହିଭଳି ପ୍ୟାକେଜ୍-୫ର ଧବଳପୁର ଠାରୁ ହିରିମୂଳ ପର୍ଯ୍ୟନ୍ତ କେନାଲ୍ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି ଓମୁଖ୍ୟ କେନାଲ୍‌କାମ ପ୍ରାୟତଃଶେଷ ହୋଇଛି। ଏଣୁ ମଞ୍ଜୁର ହୋଇଥିବା ଅନୁଦାନର ସମୟାନୁସାରେ ଓ ସଠିକ ବିନିଯୋଗ କରି ଆସନ୍ତା ବର୍ଷା ଋତୁ ପୂର୍ବରୁ ବ୍ୟାରେଜକୁ ସଚଳ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଅମ୍ବିକା ପ୍ରସାଦ ଦାସଙ୍କ ଭଜନ ଜୟ ଶ୍ରୀ ସିଦ୍ଧ ବଳଦେବ ଲୋକାର୍ପିତ

କେନ୍ଦ୍ରାପଡ଼ା, ୦୮/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଗୋକୁଳ ଚନ୍ଦ୍ର ସଂଗୀତ ସଦନ ଦ୍ୱାରା ଆୟୋଜିତ ବରିଷ୍ଠ ସାମ୍ବାଦିକ, ସାଂସ୍କୃତିକ ସଂଗଠକ ତଥା କଣ୍ଠଶିଳ୍ପୀ ଅମ୍ବିକା ପ୍ରସାଦ ଦାସଙ୍କ ଭଜନ ଜୟ ଶ୍ରୀ ସିଦ୍ଧ ବଳଦେବ ଲୋକାର୍ପିତ ହୋଇଛି । ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ବେଢାରେ କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ ଓ ଶ୍ରୀବଳଦେବଜୀଉ ଏଣ୍ଡାଓମେଂଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଆନୁଷ୍ଠାନିକ ଭାବେ ଏହାର ଲୋକାର୍ପଣ କରିଛନ୍ତି । ଜଗନ୍ନାଥ ଦାସ ମହାନ୍ତିଙ୍କ ସଂଗୀତ ପରିଚାଳନାରେ ଶ୍ରୀଦାସଙ୍କ କଣ୍ଠଦାନରେ ପ୍ରସ୍ତୁତ ଏହି ଭଜନ ଜଗା ଜେଡ଼ି କ୍ରୀଏସନ ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ହୋଇଛି । ଏହି ଲୋକାର୍ପଣ ଅବସରରେ ଆୟୋଜିତ ଆଧ୍ୟତ୍ମିକ ଓ ସାଂସ୍କୃତିକ ସମାରୋହରେ କଣ୍ଠଶିଳ୍ପୀ ଶ୍ରୀଦାସ ଭଜନ ଗାନ କରିବା ସହିତ ଶ୍ରୀଜୀଉଙ୍କୁ ସମର୍ପିତ କରିଥିଲେ । ଏହି ଆଧାତ୍ମିକ ସଂଗୀତକୁ ଚିତାକର୍ଷକ ଓଡ଼ିଶୀ ନୃତ୍ୟରେ ସଜାଇ ଥିଲେ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ନୃତ୍ୟଶିଳ୍ପୀମାନେ। ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆଙ୍କ ନେତୃତ୍ୱରେ ଭାଗ୍ୟାଶ୍ରୀ, ପ୍ରୟାଶା, ସୌମ୍ୟା, ପ୍ରିୟଙ୍କା, ସୁସ୍ମିତା, ଆସ୍ଥା, ମେଘା,ସିମ୍ରନ, ଅନସୂୟା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଜଗନ୍ନାଥ ଦାସ ମହାନ୍ତିଙ୍କ ସମେତ ରାକେଶ ଜେନା, କ୍ରୀଷ୍ଣା ଓ ବଳରାମ ମ୍ୟୁଜିକ୍‌ରେ ସହାୟତା କରିଥିଲେ। ଗୋକୁଳ ଚନ୍ଦ୍ର ସଂଗୀତ ସଦନର ସମ୍ପାଦକ ଉମାକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜ ସେବୀ ଶଙ୍କର୍ଷଣ ପଣ୍ଡା,ବରିଷ୍ଠ ଆଇନଜୀବି ଧରଣୀଧର ସୁଆର, ସଂଜୟ କୁମାର ଜେନା, ଭାଗବତ ପ୍ରସାଦ ଦାସ,ପୌର କାଉନସିଲର ସୁକୁମାର ଦାସ, ଉମେଶ ଚନ୍ଦ୍ର ନାୟକ, ଯୁବ ସଂଗଠକ ଉମାକାନ୍ତ ସିଂହ, ଅକ୍ଷୟପ୍ରିୟ ଦାସ, ବସନ୍ତ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବି, ସେବାୟତ ଗଣମାଧ୍ୟମ ପ୍ରତିନିଧି, ସଂଗୀତ ସଦନର କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ‘ପରିବେଶ ଏବଂ ନିରନ୍ତର ବିକାଶ’ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଜୟପୁର, ୦୮/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ା କ୍ୟାମ୍ପସରେ ‘ଏକବିଂଶ ଶତାବ୍ଦୀରେ ମହିଳା : ପରିବେଶ ଓ ନିରନ୍ତର ବିକାଶ’ ଶୀର୍ଷକ ତିନି ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍ଘାଟିତ ହୋଇଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ଓ ୱାର୍ଲ୍ଡ ସେଣ୍ଟର ଫର୍ ଓମେନ୍ ଷ୍ଟଡିଜ୍ (ଡବ୍ଲୁସିଡବ୍ଲ୍ୟୁଏସ୍)ର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେଉଅଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅନ୍ତର୍ଜାତୀୟ ସେମିନାରର ସଫଳତା କାମନା କରିଛନ୍ତି। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବୈଜ୍ଞାନିକ ତଥା ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା, ଆମେରିକାର ନ୍ୟୁୟର୍କସ୍ଥିତ ବଫେଲୋ ବିଶ୍ୱବିଦ୍ୟାଳୟର ବିଶ୍ୱ-ସିଡବ୍ଲୁଏସର ସଭାପତି ଡ. ବାର୍ବରା ୱେଜନାର୍ଟ; ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଷ୍ଣୁ ଚରଣ ବାରିକ, ଜମ୍ମୁ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଡବ୍ଲୁସିଡବ୍ଲ୍ୟୁଏସ୍ ର ଉପାଧକ୍ଷ ପ୍ରଫେସର ଜଶବୀର ସିଂହ, ଆଲୋଚନାଚକ୍ରର ଆବାହକ ତଥା ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ଏଚଓଡି ଡ. କପିଳା ଖେମୁଣ୍ଡୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ମଂଚାସୀନ ଥିଲେ। ଏହି ଅବସରରେ ପ୍ରଫେସର ଏନ୍ ସି ପଣ୍ଡା ବୈଦିକ କାଳରୁ ଭାରତରେ ନାରୀର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସେହି ସମୟରେ ମହିଳାମାନେ ଉନ୍ନତ କ୍ଷମତା ଉପଭୋଗ କରୁଥିଲେ ଏବଂ ବର୍ତ୍ତମାନ ଆମକୁ ମହିଳା ସଶକ୍ତୀକରଣ ବିଷୟରେ ଚିନ୍ତା କରିବାକୁ ପଡିବ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ମଧ ମହିଳାଙ୍କୁ ଉଚ୍ଚ ସ୍ଥାନରେ ରଖିଛି ବୋଲି ସେ କହିଥିଲେ । ପ୍ରଫେସର ବାରିକ ବିଶ୍ୱ ମହିଳା ଅଧ୍ୟୟନ କେନ୍ଦ୍ରର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅବଗତ କରାଇବା ସହ ଏହାର କାର୍ଯ୍ୟର ପ୍ରମୁଖ କ୍ଷେତ୍ର ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ଦାସ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ ଏବଂ ଏହାର ସଫଳ ଯାତ୍ରାରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ପୃଥିବୀରେ ବାୟୋମାସ୍ ର ପ୍ରାଧାନ୍ୟ ରହିଛି, ଯାହା ମୁଖ୍ୟତଃ ଉଦ୍ଭିଦରୁ ଆସିଥାଏ । ଯଦି ଆମେ ଗଛଗୁଡ଼ିକୁ ମାରିବୁ, ତେବେ ଏହା ପରିବେଶ ଅସନ୍ତୁଳନ ସୃଷ୍ଟି କରିବ ଏବଂ ବିପର୍ଯ୍ୟୟର କାରଣ ହୋଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରଫେସର ବାର୍ବରା ୱେଜନୋର୍ଟ ଭାରତୀୟ ସଂସ୍କୃତିକୁ ପ୍ରଶଂସା କରିବା ସହ ଭାରତୀୟ ସମାଜରେ ମହିଳାଙ୍କ ସ୍ଥିତିକୁ ପ୍ରଶଂସା କରିଥିଲେ। ଆଜିକାଲି ଲିଙ୍ଗସଶକ୍ତୀକରଣ ପାଇଁ ଏହା ଏକ ଆଗ୍ରହ ଏବଂ ଲିଙ୍ଗଗତ ପ୍ରସଙ୍ଗ ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ମହିଳାସଶକ୍ତୀକରଣ ପାଇଁ ସହଯୋଗୀ ନେଟୱାର୍କର ଗାନ୍ଧିବାଦୀ ନୀତି ଉପରେ ଡବ୍ଲୁସିଡବ୍ଲ୍ୟୁଏସ୍ ର ଉଦ୍ଦେଶ୍ୟ ଆଧାରିତ ବୋଲି ସେ କହିଥିଲେ । ସ୍ଥାୟୀ ଭବିଷ୍ୟତ ପାଇଁ ନିରନ୍ତର ବିକାଶର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇଥିଲେ । ପ୍ରଫେସର ଜଶବୀର ସିଂହ ସମାଜରେ ନାରୀର ମହତ୍ୱ ଉପରେ ଆଲୋକପାତ କରିଥିଲେ। ମହିଳା ଅଧ୍ୟୟନ କେନ୍ଦ୍ରରେ ପୁରୁଷଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯାହାଦ୍ୱାରା ଉଭୟ ସମାଜର ବିକାଶରେ ଯୋଗଦାନ କରିପାରିବେ । ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମହିଳାଙ୍କୁ ଦ୍ୱିତୀୟ ବର୍ଗ ଭାବେ ଉପସ୍ଥାପିତ କରାଯାଇଛି, ଯାହାକୁ ସେ ସମ୍ମିଳନୀରେ ନିନ୍ଦା କରିଥିଲେ। ଡ. କପିଳା ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହ ସେମିନାରର ଉଦ୍ଦେଶ୍ୟ ଏବଂ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ ବିଷୟରେ କହିଥିଲେ। ସମାଜବିଜ୍ଞାନ ଅଧାପକ ଡ. ଆଦିତ୍ୟ କେଶରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ନୂପୁର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଜମ୍ମୁ ବିଶ୍ୱ ବିଦ୍ୟାଳୟର ଡବ୍ଲୁସିଡବ୍ଲ୍ୟୁଏସର କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ଅନୁପମା ଭୋରାଙ୍କ ସମେତ ବିଶ୍ୱବିଦ୍ୟାଳୟ ଏବଂ ବାହାରେ ବିଶିଷ୍ଟ ବ୍ୟକ୍ତିମାନେ ମଧ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରଶାସନ ଓ ଶିକ୍ଷା ପରାମର୍ଶଦାତା, ପ୍ରଫେସର ଭି.ସି. ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଳିତା, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

# ୱେବସାଇଟରେ ଉପଲବ୍ଧ ହେଲା ସୁପ୍ରିମକୋର୍ଟଙ୍କ ୧୦୦ଟି ରାୟର ଓଡ଼ିଆ ଅନୁବାଦ




କଟକ, ୦୮/୧୨ (ନି.ପ୍ର): ଓଡ଼ିଶା ହାଇକୋର୍ଟ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସୁପ୍ରିମକୋର୍ଟଙ୍କର ଉଲ୍ଲେଖନୀୟ ୧୦୦ଟି ରାୟ ଓଡ଼ିଆ ଭାଷାରେ ଅନୁବାଦ ହୋଇ ଏବେ ହାଇକୋର୍ଟଙ୍କ ୱେବସାଇଟରେ ଉପଲବ୍ଧ ହୋଇଛି। ଫଳରେ ହାଇକୋର୍ଟ ୱେବସାଇଟରୁ ଜଣେ ବ୍ୟକ୍ତି ଓଡ଼ିଆ ଭାଷାରେ ଅନୁଦିତ ସୁପ୍ରିମକୋର୍ଟଙ୍କ ରାୟ ସବୁ ପଢି ପାରିବ। ହାଇକୋର୍ଟ ୱେବସାଇଟର ‘ଜଜ୍‌ମେଣ୍ଟସ୍ ଇନ୍ ଭର୍ଣ୍ଣାକୁଲାର ଲାଙ୍ଗୁଏଜ୍’(ସ୍ଥାନୀୟ ଭାଷା ?ରେ ଅନୁଦିତ ରାୟସମୂହ) ଶୀର୍ଷକ ସ୍ଥାନରେ ଓଡ଼ିଆ ଭାଷାରେ ଅନୁଦିତ ସୁପ୍ରିମକୋର୍ଟଙ୍କ ରାୟ ସବୁ ଉପଲବ୍ଧ ହେଉଛି। ଏଥି ସହିତ ହାଇକୋର୍ଟଙ୍କ ୨୭ଟି ଓଡ଼ିଆ ଭାଷାରେ ଅନୁଦିତ ରାୟ ମଧ ଏଠାରେ ଉପଲବ୍ଧ ରହିଛି। ଓଡ଼ିଆରେ ଅନୁବାଦ ହୋଇଥିବା ରାୟ ସହିତ ମୂଳ ଇଂରାଜୀ ରାୟ ମଧ ଉପଲବ୍ଧ ରହିଛି। ସାଧାରଣ ଲୋକ ଅନେକ ସମୟରେ ଅଦାଲତି ରାୟ ବୁଝି ପାରି ନଥାନ୍ତି। ଆଇନରେ ଥିବା ସବୁ ଶବ୍ଦର ଅର୍ଥ ବୁଝିବା କଷ୍ଟ ହୋଇଥାଏ। କିନ୍ତୁ ମାତୃଭାଷାରେ ରାୟର ଅନୁବାଦ ଉପଲବ୍ଧ ହେବା ଦ୍ୱାରା ଏବେ ସାଧାରଣ ଲୋକ ସହଜରେ ଅଦାଲତି ରାୟକୁ ବୁଝି ପାରିବେ। ଏଥି ସହିତ ନ୍ୟାୟିକ ପ୍ରକ୍ରିୟା ସେମାନଙ୍କ ପାଇଁ ଆଉ ଅବୁଆ ପାଠ ହୋଇ ରହିବ ନାହିଁ ବୋଲି ଆଶା କରାଯାଇଛି । ୨୦୨୩, ଫେବ୍ରୁଆରି ୩ରେ ରାଜ୍ୟର ୧୦ଟି ଜିଲ୍ଲାରେ ହାଇକୋର୍ଟଙ୍କ ପକ୍ଷରୁ ପ୍ରତିଷ୍ଠିତ ଭର୍ଚୁଆଲ କୋର୍ଟ ଉଦଘାଟନ କରିବା ଅବସରରେ ଭର୍ଚୁଆଲ ବ୍ୟବସ୍ଥାରେ ଯୋଗ ଦେଇ ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ‘ଇ-ଇନିସିଏଟିଭ୍’ର ପ୍ରଶଂସା କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟର ବିଭିନ୍ନ ଆଞ୍ଚଳିକ ଭାଷାରେ ଅନୁବାଦ ପାଇଁ ମାଡ୍ରାସ ଆଇଆଇଟି ସହଯୋଗରେ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ଓଡ଼ିଶା ହାଇକୋର୍ଟ ଏହାର ରାୟର ଓଡ଼ିଆ ଅନୁବାଦ ପାଇଁ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରଧାନ ବିଚାରପତି ଏହି ଅବସରରେ ଆଶା ପ୍ରକାଶ କରିଥିଲେ।

# ସ୍କୁଲ ନିକଟରେ ଥିବା ବିପଦ ଶଙ୍କୁଳ ବାତ୍ୟା ଆଶ୍ରୟସ୍ଥଳୀକୁ ଭାଙ୍ଗିବାକୁ ଦାବି

କେନ୍ଦ୍ରାପଡ଼ା, ୦୮/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତିଘିରିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ବିପଦ ଜନକ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀକୁ ଭାଙ୍ଗିବା ପାଇଁ ଗ୍ରାମାବସୀମାନେ ଦାବି କରିଛନ୍ତି। ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କୁ ଭେଟି ସ୍କୁଲକୁ ଲାଗି ରହିଥିବା ଏହି ବାତ୍ୟା ଆଶ୍ରୟ ସ୍ଥଳୀର ଛାତରୁ ସିମେଂଟ ଖଣ୍ଡ ଖଣ୍ଡ ଖସି ପଡୁଛି। ବାତ୍ୟା ଆଶ୍ରୟ ସ୍ଥଳୀକୁ ଲାଗି ରହିଥିବା ପ୍ରାଥମିକ ବିଦ୍ୟାଳୟରେ କୋମଳମତି ଶିଶୁମାନେ ପାଠ ପଢୁଥିବାବେଳେ କେତେବେଳେ ଯେ ଅଘଟଣ ଘଟିବ ଏହି ଆଶଙ୍କାରେ ଏହାକୁ ଭାଙ୍ଗିବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀମାନେ ବ୍ଲକ ପ୍ରଶାସନ, ଜିଲ୍ଲା ଶିକ୍ଷା ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବିକରି ଆସୁଛନ୍ତି।

# ସ୍ୟାଣ୍ଡ ଫେଷ୍ଟ ୨୦୨୩-୨୪ ଉଦ୍‌ଘାଟିତ




ବାଲେଶ୍ୱର, ୦୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗାନ୍ଧୀସ୍ମୃତି ଭବନ ପରିସରରେ ସ୍ୟାଣ୍ଡ ଫେଷ୍ଟ ୨୦୨୩-୨୪ ଉଦଘାଟନୀ ଦିବସ ପାଳିତ ହୋଇଛି। ସଙ୍ଗଠନର ସଭାପତି ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି ପ୍ରଦୀପ ଉଜ୍ଜଳନ କରିବା ସହ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ବାର୍ତା ଦେଇଥିଲେ। ମୁଖ୍ୟ ବକ୍ତା ମାନସ କୁମାର ଦତ୍ତ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଯୋଗ ଦେଇ ସ୍ୟାଣ୍ଡଫେଷ୍ଟ ବାଲେଶ୍ୱରର ଏକ ବହୁ ପୁରାତନ ଏବଂ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।୧୮ ବର୍ଷ ଧରି ସ୍ୟାଣ୍ଡଫେଷ୍ଟ କିଭଳି ଯୁବ ପ୍ରତିଭା ମାନଙ୍କ ଆଗକୁ ନେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ସୁଖ୍ୟାତି ଅର୍ଜି ଥିବାବେଳେ ଆଗକୁ କିପରି ଆହୁରି ଅଧିକ ଭଲ କାର୍ଯ୍ୟ କରି ପାରିବ ଏନେଇ ପ୍ରଚେଷ୍ଟା ଜାରି ରଖିଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।ସେହିଭଳି ଭାବେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ୟାଣ୍ଡଫେଷ୍ଟର ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସମ୍ପାଦକ ସୀମନ ଦାସମହାପାତ୍ର, ଉପସଭାପତି ବ୍ରଜ କିଶୋର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପାର୍ଥସାରଥୀ ଦାସ ,ଝାଡେଶ୍ୱର ଜେନା, ଅମୟ କୁମାର ଦାସ ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ତିନି ଶହ ଚାଳିଶ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଏବଂ ଇଂରାଜୀରେ ତର୍କ ପ୍ରତିଯୋଗିତା, ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ ଆଦି ଆୟୋଜିତ ହୋଇଯାଇଥିଲା । ତିନିଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ ପ୍ଲେବ୍ୟାକ ଗାୟକ ଅରିନ୍ଦମ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ସେଲିବ୍ରିଟି ଯୋଗଦେବେ ବୋଲି କାର୍ଯ୍ୟକ୍ରମର ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ ସୂଚନା ଦେଇଥିଲେ। ଶେଷରେ ଉପସଭାପତି ବିକାଶ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ଅଙ୍ଗନୱାଡ଼ି ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କଠାରେ ଦାବିପତ୍ର ଉପସ୍ଥାପିତ



ବାଲେଶ୍ୱର, ୦୮/୧୨ (ନି.ପ୍ର): ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ୫ଜଣିଆ ପ୍ରତିନିଧି ଦଳ ଅଙ୍ଗନୱାଡ଼ି କର୍ମୀମାନଙ୍କ ଜ୍ୱଳନ୍ତ ସମସ୍ୟା ନେଇ ୭ଦଫା ସମ୍ବଳିତ ଦାବି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଆଜି ଅପରାହ୍ନରେ ସାକ୍ଷାତ କରି ଉପସ୍ଥାପନ କରିଛନ୍ତି। ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କିଶୋରୀ ବାଳିକାମାନଙ୍କୁ ମାସିକ ୧୬ଟି, ଗର୍ଭବତୀ, ପ୍ରସୂତୀ ମହିଳା ଓ ୬ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ମାସିକ ୧୨ଟି ଅଣ୍ଡା ବ୍ୟବସ୍ଥା କରାଯାଉଥିବା ବେଳେ ସରକାର ଅଣ୍ଡା ପ୍ରତି ୫ଟଙ୍କା ୫୦ପଇସା ଦେଉଥିବା ବେଳେ ବଜାର ଦର ୭ଟଙ୍କାରୁ ଅଧିକ ଥିବାରୁ ଅଣ୍ଡାର ବଜାର ଦର ପ୍ରଦାନ କରାଯାଉ, ଅଙ୍ଗନୱାଡ଼ି କର୍ମୀଙ୍କୁ ୬ପ୍ୟାକେଜ ବାହାରେ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରୁଥିବାରୁ ଏସ୍‌ଏନପି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି, ତେଣୁ ଅଙ୍ଗନୱାଡି କର୍ମୀଙ୍କୁ କେବଳ ୬ପ୍ୟାକେଜ କାର୍ଯ୍ୟ ଭିତରେ ସୀମିତ ରଖାଯାଉ, ନିମ୍ନମାନର ମୋବାଇଲ ଫେରାଇ ନେଇ ଗଣ୍ଡ୍ରା ସମ୍ପନ୍ନ ମୋବାଇଲ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ଆକାଉଣ୍ଟ କୁ ମୋ୍ବାଇଲ ମୂଲ୍ୟର ଟଙ୍କା ପ୍ରଦାନ କରାଯାଉ, ପୋଷଣ ଟ୍ରାକ୍ଟର ବାବଦରେ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୫ଶହ ଟଙ୍କା ହାରରେ ଟଙ୍କା ପ୍ରଦାନ କରାଯାଉ,ଅଙ୍ଗନୱାଡ଼ି କର୍ମୀ, ମିନି କର୍ମୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା୍ବାଦରେ ଯଥାକ୍ରମେ ୪୦ହଜାର, ୪୦ହଜାର ଓ ୧୫ହଜାର ଟଙ୍କା ପ୍ରଦାନ କରାଯାଉ, ବ୍ରିଜ ଟ୍ରେନିଂ ବେଳେ ଦୈନିକ ଶହେ ଟଙ୍କା ହାରରେ ୪ଶହ ଲେଖାଏଁ ପ୍ରଦାନ କରାଯାଉ ଓ ନିର୍ବାଚନ କମିଶନଙ୍କ ଅଧିନର୍ବ୍ୱେଏଲ୍‌ଓ କାର୍ଯ୍ୟ କରୁଥିବା କର୍ମୀଙ୍କୁ ଦେୟ ପ୍ରଦାନ କରିବା ପାଇଁ ଦ୍ବି କରାଯାଇଛି । ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ଜିଲ୍ଲା ସ୍ତରରେ ଯାହା ସମ୍ଭବ କରିବାକୁ ପ୍ରତିଶୃତି ଦେଇଛନ୍ତି। ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶ ମତେ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତ୍ରୀଙ୍କୁ ଓ୍ୱାର୍କର ମାନ୍ୟତା ଓ ଗତ ଆନ୍ଦୋଳନ ବେଳେ ରାଜ୍ୟ ସରକାରଙ୍କ ପ୍ରତିଶୃତି ଅନୁସାରେ ଅବିଳମ୍ବେ ଭତ୍ତା୍ଦ୍ଧି ସମେତ ରାଜ୍ୟର ଶ୍ରମିକ ଶ୍ରେଣୀର ବିଭିନ୍ନ ଦାବି ଯଥା ରାଜ୍ୟର ସର୍ବନିମ୍ନ ମଜୁରୀ ସଂଶୋଧନ, ବନ୍ଦ କଳକାରଖାନା ପୁନରୁଦ୍ଧାର, ଏମଜିଏନ୍‌ଆରଇଜିଏ ଶ୍ରମିକଙ୍କୁ ବାର୍ଷିକ ୨୪୦ଦିନ କାମ, ଦୈନିକ ମଜୁରୀ ଟ୭୫୦/- ପ୍ରଦାନ, ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଇତ୍ୟାଦି ଦ୍ୱି ନେଇ ଏଆଇଟିୟୁସି ପକ୍ଷରୁ ୧୬ଡିସେମ୍ବରରେ ଭୁବନେଶ୍ୱରରେ ହେଉଥିବା ରାଜ୍ୟସ୍ତରୀୟ ଶ୍ରମିକ ସମାବେଶରେ୍ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରକଳ୍ପରୁ ବହୁ ସଂଖ୍ୟକ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତ୍ରୀ ଯୋଗ ଦେବାପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବାଲେଶ୍ୱର ଜିଲ୍ଲାର ସଭାପତି ପ୍ରତିଭା ପାଲ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀ ପ୍ରିୟା ଦାସ, ଉପସଭାପତି ସୁଷମା ପାତ୍ରଙ୍କ ସମେତ ବିଭିନ୍ନ ପ୍ରକଳ୍ପ ନେତୃତ୍ୱ ଏହି ସମାବେଶର ସଫଳତା ପାଇଁ ଆହ୍ୱାନ ଦେଇଛନ୍ତି।

## ବସ୍ତାରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ବସ୍ତା, ୦୮/୧୨ (ନି.ପ୍ର): ବସ୍ତା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୪୦ତମ ବ୍ଲକ ସ୍ତରୀୟ ଶିଶୁଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଅଛି । ୩୬ଟି ବିଦ୍ୟାଳୟରୁ ୩୫୨ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଗୀତ, ନାଚ, ଏକକ ନୃତ୍ୟ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପଲିଖନ,ଏକକ ଅଭିନୟ, ସାଧାରଣ ଜ୍ଞାନ, କୁଇଜ୍ , କବିତା ଓ ରଚନା ରେ ଅଶଂଗ୍ରହଣ କରିଥିରା ପ୍ରଥମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲା ସ୍ତରକୁ ମନନିତ ହୋଇଛନ୍ତି ବୋଲି ଯଣାପଡିଛି ।ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସାନ୍ତୋନାମୂଳକ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ । ଏହିକାର୍ଯ୍ୟକ୍ରମରେ ଇଡିଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୈତନକୁମାର ସାହୁ ସଭାପତିତ୍ୱ କରିଥିଲେ । ମୂଖ୍ୟ ଅତିଥିଭାବେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳୀ ଦାସ, ମୂଖ୍ୟ ବକ୍ତା ଓଷ୍ଟା ରାଜ୍ୟସଭାପତି ଅକ୍ଷୟ କୁମାର ମିଶ୍ର,ସ୍ୱତନ୍ତ୍ର ଅତିଥି ଓଷ୍ଟା ଜିଲ୍ଲା ସଭାପତି ବିଜୟକୁମାର ପାତ୍ର. ପ୍ରାକ୍ତନ ସଭାପତି ଓଷ୍ଟାର ଇନ୍ଦୁମାଧବ ମହାନ୍ତିସମ୍ମାନୀତ ଅତିଥି ଓଷ୍ଟା ବ୍ଲକ ସମ୍ପାଦକ ଶ୍ରୀପତିଚରଣ ପାତ୍ର, ଅତିଥିପରିଚୟ ଶିକ୍ଷାବିତ ଜଗଦିଶ ଚନ୍ଦ୍ର ପ୍ରଧାନ କରିଥିବାବେଳେ ସହ ସମ୍ପାଦକ ଶ୍ରୀଯୁକ୍ତ ତାପସ ଦାସ , ଯତିନ୍ଦ୍ରନାଥ ଦାସ ମହାପାତ୍ର ,ତୃପ୍ତି ରାଉତ, ମଞ୍ଚ ପରିଚାଳନାକରିଥିଲେ । ବିଶେଷ ଅତିଥି ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ, ଉପସଭାପତି, ଶିବଶଙ୍କର ମିଶ୍ର. ଯୋଗ ଦେଇଥିଲେ ।


## ଖଡ଼ଗପୁର ଡଭିଜନର 'ସି' କ୍ଲାସ୍ ନନ୍-ଇଣ୍ଟରଲକଡ ଇଞ୍ଜିନିୟରିଂ ଲେଭେଲ୍ କ୍ରସିଂ ବନ୍ଦ

ରୁପ୍ସା- ବାଙ୍ଗିରିପୋଷି ବିଭାଗରେ **78 / 08-09 & 58 / 09-59 / 00** ରେ ନିମ୍ନଲିଖିତ 'ସି' କ୍ଲାସ୍ ନନ୍-ଇଣ୍ଟରଲକଡ ଇଞ୍ଜିନିୟରିଂ ଲେଭଲ୍ କ୍ରସିଂ ନମ୍ବର **RB-60** ଏବଂ **RB-43**ର **18.12.2023** ତାରିଖରୁ ସ୍ଥାୟୀ ଭାବରେ ବନ୍ଦ ରହିବ ।

| ସିରିଏଲ ନଂ. | L.C. ନଂ | ଅବସ୍ଥାନ/କିମି ପୋଷ୍ଟ | ଷ୍ଟେସନ ମଧ୍ୟରେ |
|---|---|---|---|
| ୧. | RB-60 | 78 / 08-09 | ଭଞ୍ଜପୁର-ବାଙ୍ଗିରିପୋଷି |
| ୨. | RB-43 | 58 / 09-59 / 00 | ଭଞ୍ଜପୁର-କୁଚାଇ |

PR-(893) ବିଭାଗୀୟ ରେଳ ପରିଚାଳକ / ଇଂଜିନିୟର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହସି ହସି ସେବାରେ


## ଅଯୋଧ୍ୟାରୁ ଅକ୍ଷତ କଳସ ଆସି ପହଂଚିଲା ଓଡ଼ିଶାରେ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ବହୁ ପ୍ରତିକ୍ଷୀତ ଜାନୁଆରୀ ମାସ ୨୨ ତାରିଖ ୨୦୨୪ ରେ ହେବାକୁ ଯାଉଥିବା ମର୍ଯ୍ୟାଦା ପୁରୁଷୋତମ ମହାପ୍ରଭୂ ଶ୍ରୀରାମଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ସମସ୍ତଙ୍କ ସହଭାଗୀତାପୂର୍ଣ୍ଣ ସହଯୋଗ ନିମନ୍ତେ ଅଯୋଧ୍ୟାରୁ ଅଭିମନ୍ତ୍ରିତ ଅକ୍ଷତ କଳସ ଓଡ଼ିଶାକୁ ଆସି ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ପହଂଚିଛି । ଶୁକ୍ରବାର ପ୍ରାତଃ କାଳରେ କଟକ ସ୍ଥିତ କାର୍ଯ୍ୟାଳୟରେ ପୂଜା ଅର୍ଚ୍ଚନା ଯଜ୍ଞାଦି ପରେ ବିଭିନ୍ନ ଜିଲ୍ଲାମାନଙ୍କୁ ଏହି କଳସ ଯାତ୍ରା ଆରମ୍ଭ ହୋଇଯାଇଛି । ଅପରାହ୍ନରେ ଭୁବନେଶ୍ୱରରେ ଅକ୍ଷତ କଳସ ଆସି ପହଂଚିଲା ପରେ ସ୍ଥାନୀୟ ଜନସାଧାରଣ ଏହାର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରିଥିଲେ । ଏକ ଭବ୍ୟ ସମାରୋହରେ ଏହି ଅକ୍ଷତ କଳସକୁ ପାଛୋଟି ଆଣି ୟୁନିଟ୍ ୩ ସ୍ଥିତ ରାମ ମନ୍ଦିର ସମ୍ମୁଖରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ଆବାହକ ଲକ୍ଷ୍ମୀ ନାରାୟଣ ରଥ ଏହି ସ୍ୱାଗତ ସମାରୋହକୁ ସମ୍ବୋଧିତ କରି ଏ ଐତିହାସିକ ମୁହୂର୍ତ୍ତର ମହତ୍ୱ ଉପରେ ଅବଗତ କରାଇଥିଲେ। ଦୀର୍ଘ ପାଂଚ ଶତାବ୍ଦୀର ପ୍ରତୀକ୍ଷା ପରେ ଆମେ ସମସ୍ତେ ଅଯୋଧ୍ୟାରେ ଏକ ଭବ୍ୟ ମନ୍ଦିର ପାଇଛେ ଏବଂ ମହାପ୍ରଭୂ ଶ୍ରୀରାମଙ୍କ ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଦେଖିବାକୁ ସମର୍ଥ ହେଉଛେ ଓ ସେଥିପାଇଁ ସେ ଗୌରବାନ୍ୱିତ ବୋଲି କହିଥିଲେ। ଏହି ପୁଣ୍ୟକାର୍ଯ୍ୟରେ ଲାଗି ପଡ଼ିଥିବା ପ୍ରତ୍ୟେକ କାର୍ଯ୍ୟକର୍ତାଙ୍କୁ ସେ ସାଧୁବାଦ ଜଣାଇବା ସହ ଏହି ପବିତ୍ର ଅକ୍ଷତ କିପରି ସମସ୍ତଙ୍କ ପରିବାରରେ ପହଂଚି ପାରିବ ସେ ନେଇ ଦାୟିତ୍ୱ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଆଗାମୀ ମାସ ଅର୍ଥାତ୍ ଜାନୁଆରୀ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ପନ୍ଦର ଦିନ ମଧ୍ୟରେ ଏହି ଅକ୍ଷତ ପ୍ରତ୍ୟେକ ପରିବାରରେ ପହଂଚିବ ବୋଲି ସେ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରୁ ଶହଶହ କୋଟି ...

ଥିବା ବୌଦ୍ଧ ଡିଷ୍ଟିଲେରୀ କମ୍ପାନୀ ସମେତ ଅନ୍ୟ କମ୍ପାନୀଗୁଡ଼ିକ ଉପରେ କ୍ରମାଗତ ତୃତୀୟ ଦିନ ଆୟକର ଚଢ଼ଉ ଜାରି ରହିଛି। ଆୟକର ଟିମ୍ ଓଡ଼ିଶାର ପ୍ରାୟ ୨୦ଟି ସ୍ଥାନ ସମେତ କୋଲକାତା ଓ ଝାଡ଼ଖଣ୍ଡର ୨ଟି ଲେଖାଏ ସ୍ଥାନରେ ରେଡ କରୁଛନ୍ତି। ବୌଦ୍ଧ ଡିଷ୍ଟିଲେରୀର ସୁଦପଡ଼ା ଦେଶୀ ମଦ ଭାଟିରେ ଥିବା ଦୁଇଟି ଆଲମାରୀରୁ ନଗଦ ୨୦୦କୋଟି ଟଙ୍କା ମିଳିଥିଲା।

## ସାହୁ ବ୍ରଦର୍ସ ଆଣ୍ଡ କୋ' ...

ଗଣମାଧ୍ୟମରେ ପ୍ରକାଶ ପାଇଛି । ବୌଦ୍ଧ ରାଇସ ମିଲ୍ ଓ 'ସାହୁ ବଦର୍ସ ଆଣ୍ଡ କୋ' ସହ ତାଙ୍କର କ'ଣ ସମ୍ପର୍କ ରହିଛି ? ଏପରିକି ଶାସକ ବିଜେଡିର ବହୁ ନେତା ଓ ମନ୍ତ୍ରୀଙ୍କ ସହ ମଧ୍ୟ ସଂପର୍କ ରହିଛି । ଆଗୁଆ ନିର୍ବାଚନ ପରିଚାଳନା ପାଇଁ 'ସାହୁ ବଦର୍ସ ଆଣ୍ଡ କୋ' ପାଖରେ ବିଜୁ ଜନତା ଦଳ ଟଙ୍କା ରଖିଥିଲା କି ? 'ସାହୁ ବଦର୍ସ ଆଣ୍ଡ କୋ' ସହ ବିଜେଡିର କ'ଣ ସଂପର୍କ ରହିଛି, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ନିଜର ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ତଦନ୍ତ ସିବିଆଇକୁ ତୁରନ୍ତ ହସ୍ତାନ୍ତର କରନ୍ତୁ ବୋଲି ବିଜେପି ଦାବି କରିଛି । ଗତ ମୌସୁମୀ ଅଧିବେଶନରେ ରାଜ୍ୟ ସରକାର ତରବରିଆ ଭାବେ ସପ୍ଲିମେଂଟାରୀ ବଜେଟ୍ ଆଗତ କରିବା ସହ ତଥାକଥିତ ସିଏମଓ ସମସ୍ତ ଜିଲ୍ଲା ଭ୍ରମଣ କରି ବୈଠକ କରୁଥିଲେ । ଓଡ଼ିଶାରେ ବିଧାନସଭାକୁ ଭଙ୍ଗ କରି ଆଗୁଆ ବିଧାନସଭା ନିର୍ବାଚନ କରିବା ପାଇଁ ଶାସକ ଦଳ ଖସଡ଼ା ପ୍ରସ୍ତୁତ କରିଥିଲା । ଜବତ ଟଙ୍କା ମଧ୍ୟରେ ୫୦୦ଟଙ୍କା, ୨୦୦ଟଙ୍କା ଓ ୧୦୦ଟଙ୍କା ବାହାରୁଛି । ଯାହା ନିର୍ବାଚନ ସମୟରେ ବଂଟା ହେବା ପାଇଁ ରଖାଯାଇଥିଲା କି ? ସେ କହିଛନ୍ତି ଯେ, ଚିଟଫଣ୍ଡ୍ ଦୁର୍ନୀତି ଅତୀତରେ ସମଗ୍ର ରାଜ୍ୟରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ପୂର୍ବରୁ ଓଡ଼ିଶାରେ ବ୍ରାଉନସୁଗାର, କ୍ରୋକେନ, ଗଞ୍ଜେଇ, ସାପ ଗରଳ ବେପାରର ପେଣ୍ଡସ୍ଥଳୀ ନବୀନ ଓଡ଼ିଶା । ଏବେ ଦେଶୀ ମଦ ର ?୍ୟାକେଟ ସମଗ୍ର ଉପାନ୍ତ ଅଂଚଳର ଗରିବ ଲୋକଙ୍କୁ ଶୋଷଣ କରି ସାମାଜିକ ଓ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି । ନିର୍ବାଚନବେଳେ ଭୋଟ ହାତେଇବା ପାଇଁ ବିଜୁ ଜନତା ଦଳ ଅଜସ୍ର ଅର୍ଥ ଖର୍ଚ୍ଚ କରେ ଏବଂ ମଦର ବନ୍ୟା ସୃଷ୍ଟି କରେ । ତେଣୁ 'ସାହୁ ବଦର୍ସ ଆଣ୍ଡ କୋ' ପାଖରେ ଏତେ ଟଙ୍କା କୁଆଡୁ ଆସିଲା ସେ ନେଇ ତଦନ୍ତ କରାଯାଉ ଓ ମୁଖ୍ୟମନ୍ତ୍ରୀ ନିଜର ସ୍ୱଚ୍ଛତା ପ୍ରତିପାଦନ ପାଇଁ ତଦନ୍ତଭାର ସିବିଆଇ ଦିଅନ୍ତୁ ବୋଲି ବିଜେପି ଦାବି କରିଛି ।

## ନୂଆ ବର୍ଷରୁ ଶ୍ରୀମନ୍ଦିରରେ...

ହେବନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଆଜି ବୈଠକରେ ଚୂଡାନ୍ତ ନୀତି ନିର୍ଘଣ୍ଟକୁ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯିବା ପରେ ପରିଚାଳନା କମିଟିରେ ପାରିତ କରାଯିବ। ତେବେ ଆଜିର ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଜିଲ୍ଲାପାଳ, ପରିଚାଳନା କମିଟିର ସଦସ୍ୟ, ନୀତି ସବକମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲୋକସଭାରୁ ବହିଷ୍କୃତ...

ତେଣୁ ସେ ସଂସଦରେ ରହିବା ଉଚିତ୍ ନୁହେଁ ବୋଲି କହିଥିଲେ ବାଚସ୍ପତି । ଲୋକସଭାରୁ ବହିଷ୍କୃତ ହେବା ପରେ ମହୁଆ କହିଛନ୍ତି, ଟଙ୍କା କି ଉପହାର ନେଇଥିବାର କୌଣସି ପ୍ରମାଣ ନାହିଁ । ମୁଁ ଅଦାନୀ ପ୍ରସଙ୍ଗ ଉଠାଇଥିଲି । ଏହି ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରାଯାଇଥିବା କହିଛନ୍ତି ମହୁଆ ।

## ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନରେ ...

ଗୋଟେପଟେ ମୁଖ୍ୟମନ୍ତ୍ରୀ ଚେହେରା ଚୟନ ପାଇଁ ବିଜେପି ପୁରୁଖା ନେତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି ସେପଟେ ରାଷ୍ଟ୍ରୀୟ ମହାସଚିବ କୈଳାସ ବିଜୟବର୍ଗୀୟଙ୍କ ବୟାନକୁ ନେଇ ଚର୍ଚ୍ଚା ଜୋର ଧରିଛି । ରବିବାର ସୁଦ୍ଧା ମୁଖ୍ୟମନ୍ତ୍ରୀ ଚେହେରା ଉପରୁ ପର୍ଦ୍ଦା ଉଠିବ ବୋଲି କହିଥିଲେ ବିଜୟବର୍ଗୀୟ । ବିଜେପି ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ନିର୍ବାଚନରେ କୌଣସି ମୁଖ୍ୟମନ୍ତ୍ରୀ ଚେହେରା ଦେଇନଥିଲା । ୩ରାଜ୍ୟରେ ବିଜେପି ପ୍ରଚଣ୍ଡ ବହୁମତ ସହ ବିଜୟ ହାସଲ କରିଛି । ସେପଟେ ଚର୍ଚ୍ଚା ହେଉଛି ମୁଖ୍ୟମନ୍ତ୍ରୀ ରେସରେ ଅନେକ ପୁରୁଖା, ଅଭିଜ୍ଞ ଓ ବରିଷ୍ଠ ଚେହେରା ରହିଛନ୍ତି । ତଥାପି ନୂଆ ସମୀକରଣ ଆଧାରରେ ବିଜେପି ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏଥରକ ମୌକା ଦେଇପାରେ ବୋଲି ଚର୍ଚ୍ଚା ହେଉଛି ।

## ରେପୋ ରେଟ୍ ସ୍ଥିର ରହିବା ...

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଯଦି ଏହିପରି ଧାରା ଜାରି ରହେ ତେବେ ସେନସେକ୍ସ ଆଜି ହିଁ ୭୦ ହଜାର ପଏଣ୍ଟ ଅତିକ୍ରମ କରିପାରେ। ଷ୍ଟିଲ୍, ଟେକ୍ନୋଲେଜି ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକରେ ବିପୁଳ ଅଭିବୃଦ୍ଧି ଦେଖାଯାଉଛି। ରିପୋର୍ଟ ଅନୁସାରେ, ସକାଳେ ବଜାର ଆରମ୍ଭ ସମୟରେ ନିଫ୍ଟି ୨୧,୦୦୫.୫୫ ଏବଂ ସେନସେକ୍ସ ୬୯,୮୮୮.୩୩ ରେକର୍ଡରେ ପହଞ୍ଚିଥିଲା। ସେହିପରି ସକାଳ ୧୧.୩୦ ବେଳକୁ ସେନସେକ୍ସ ୬୯,୭୭୦.୯୯ରେ ଥିଲା, ଯାହାକୁ ଆମେ ପଏଣ୍ଟ ହିସାବରେ ୨୪୯.୩୦ ପଏଣ୍ଟ ଏବଂ ଶତକଡା ହିସାବରେ ୦.୩୬ ପ୍ରତିଶତ ବୋଲି କହିପାରିବା। ଏଥିସହ ନିଫ୍ଟି ୨୦,୯୬୩.୦୦ରେ ୬୧.୮୦ ପଏଣ୍ଟ ବା ୦.୩୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୫୦ଟି ଷ୍ଟକ ମଧ୍ୟରୁ ନିଫ୍ଟି ୩୬ଟି କାରବାର କରୁଥିବାବେଳେ ସେଥିମଧ୍ୟରୁ ୧୪ଟି ରେଡ଼ ଲାଇଟରେ କାରବାର କରିଥିଲା। ଷ୍ଟକ୍ ବଜାରରେ ରେଡରେ କାରବାର କରିବାର ଅର୍ଥ, ଓପନିଂ ପ୍ରାଇସ୍ କ୍ଲୋଜିଂ ପ୍ରାଇସ୍ ତୁଳନାରେ କମ୍ ଏବଂ ଗ୍ରୀନର ଅର୍ଥ ଓପନିଂ ପ୍ରାଇସ୍ କ୍ଲୋଜିଂ ପ୍ରାଇସ୍ ତୁଳନାରେ ଅଧିକ।

# ତାଲଚେରେ ପବିତ୍ର ମୋହନ ପ୍ରଧାନ ହସ୍ପିଟାଲର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଅନୁଗୋଳ ଜିଲ୍ଲା ତାଳଚେରରେ ଭାରତ ସରକାରଙ୍କ ଖର୍ଚ୍ଚରେ ନିର୍ମିତ ହୋଇଥିବା ନୂତନ ମେଡିକାଲ ତଥା ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହସ୍ପିଟାଲଟି ପ୍ରଥମ ଦିନରୁ ହସ୍ପିଟାଲ ସହ ମେଡିକାଲ କଲେଜ ଭାବରେ ଶୁଭାରମ୍ଭ ହୋଇଥିଲେ ଭଲ ହୋଇଥା'ନ୍ତା । ଏହା ସ୍ଥାନୀୟ ଲୋକଙ୍କ ଅପେକ୍ଷା ଥିଲା । ରାଜ୍ୟ ସରକାର ଅବିଳମ୍ବେ ପବିତ୍ର ମୋହନ ପ୍ରଧାନ ହସ୍ପିଟାଲକୁ ତୁରନ୍ତ ମେଡିକାଲ କଲେଜ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ହସ୍ପିଟାଲର ଶୁଭାରମ୍ଭ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ପ୍ରସ୍ତାବ ଦେବା ସହ କହିଛନ୍ତି ଯେ ଆଜିର ଦିନ ଆମ ସମସ୍ତଙ୍କ ପାଇଁ ବିଶେଷ ଭାବରେ ଅନୁଗୋଳ ଓ ତାଳଚେରବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ । ସମସ୍ତଙ୍କ ପ୍ରେରଣାର ସ୍ରୋତ ପବିତ୍ର ମୋହନ ପ୍ରଧାନଙ୍କ ନାଁରେ ମେଡିକାଲ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ତେବେ ଏହି ହସ୍ପିଟାଲଟି ପ୍ରାରମ୍ଭରୁ ହସ୍ପିଟାଲ ସହ ମେଡିକାଲ କଲେଜ ନାଁରେ ହୋଇଥିଲେ ଭଲ ହୋଇଥାନ୍ତା । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ତୁରନ୍ତ ଦରଖାସ୍ତ ରୁହନ୍ତୁ । ନ୍ୟାସନାଲ ମେଡିକାଲ କମିଶନର ମାଧ୍ୟମରେ ଯଥାଶୀଘ୍ର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ କରାଇଲେ ହିଁ ଉଚିତ୍ ରହିବ । ସରକାର ଆପ୍ଲିକେସନ ପଠାଇବା ପାଇଁ ବିଳମ୍ବ କରନ୍ତୁ ନାହିଁ । କେବଳ ମେଡିକାଲ କହିଲେ ଲୋକଙ୍କ ଅପେକ୍ଷା ପୂରଣ ହେବ ନାହିଁ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଏମସିଏଲ ସହଯୋଗରେ ଏହି ହସ୍ପିଟାଲ ନିର୍ମିତ ହୋଇଛି । ଏହି ହସ୍ପିଟାଲ ପାଇଁ ୨୦୧୫ ସେପ୍ଟେମ୍ବର ୦୩ରେ ମୁଖ୍ୟମନ୍ତ୍ରୀ ଓ ତତ୍କାଳୀନ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପିୟୂଷ ଗୋଏଲଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ଓ କୋଲ ଇଣ୍ଡିଆ ଦ୍ୱାରା ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ସେତେବେଳେ ସେଠାରେ ଅବସ୍ଥିତ ପୁରୁଣା ହସ୍ପିଟାଲରେ ୧୦୦ ବେଡ୍ ଥିବାବେଳେ ଏମସିଏଲ ପକ୍ଷରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ୩୩୦ ବେଡ୍ ସଂଖ୍ୟା ପର୍ଯ୍ୟନ୍ତ ବଢାଯାଇଥିଲା ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ସୁବିଧା କରାଯାଇଥିଲା । ୨୦୧୯ ମାର୍ଚ୍ଚ ୫ରେ ମେଡ଼ିକାଲ କଲେଜର ନୂତନ ଭବନ ପ୍ରାୟ ୧୦ ଏକର ପରିମିତି ଜମିରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ(ମିମସାର)ର ଉଦଘାଟନ କରାଯାଇଥିଲା । ପରେ ଏମଏସିଏଲ ପକ୍ଷରୁ ମେଡିକାଲକୁ ଚଲାଇବା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ଅତିରିକ୍ତ ପ୍ରାୟ ୬୨୮ କୋଟି ଟଙ୍କାର ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ଦାବି ଥିଲା, ତାକୁ ଏମସିଏଲ ଦ୍ୱାରା ମଧ୍ୟ ପୂରଣ କରାଯାଇଥିଲା। ଅର୍ଥାତ୍ ଭାରତ ସରକାର ତଥା ଏମସିଏଲ ପୁରୁଣା ମେଡିକାଲ କଲେଜର ଅପଗ୍ରେଡେସନ ପାଇଁ ୫୦୦ କୋଟି, ଲୋକାର୍ପିତ ନୂଆ ମେଡିକାଲ କଲେଜ ପାଇଁ ୫୦୦ କୋଟି ଓ ମେଡିକାଲକୁ ୫ ବର୍ଷ ପର୍ଯ୍ୟନ୍ତ ଚଲାଇବା ପାଇଁ ପ୍ରାୟ ୬୨୮ କୋଟି ଟଙ୍କା ଅର୍ଥାତ୍ ସର୍ବମୋଟ ୧୬୨୮ କୋଟିରୁ ଅଧିକ ଟଙ୍କା ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଖର୍ଚ୍ଚ କରିଛି । ନରେନ୍ଦ୍ର ମୋଦିଙ୍କ ସରକାର ପଞ୍ଚଦଶ ଅର୍ଥ କମିଶନରେ ସ୍ୱାସ୍ଥ୍ୟ ସୁବିଧା ସମ୍ପ୍ରସାରଣ ପାଇଁ ଓଡ଼ିଶାର ଗ୍ରାମୀଣ ସ୍ୱାସ୍ଥ୍ୟ ସୁବିଧା ପାଇଁ ପ୍ରାୟ ୧୮୮୨ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଓଡ଼ିଶାକୁ ୫୦୦୯ କୋଟି ଟଙ୍କା, ଆୟୁଷ୍ମାନ ଭାରତ ଆରୋଗ୍ୟ ମନ୍ଦିର, ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର,ମିଶନ ଇନ୍ଦ୍ରଧନୁଷରେ ଆର୍ଥିକ ସୁବିଧା ଓ ସହଯୋଗ ଯୋଗାଇ ଦେଉଛନ୍ତି । ରାଜ୍ୟରେ ୭ଟି ମେଡିକାଲ କଲେଜର ସିଂହ ଭାଗ ପଇସା ମୋଦି ସରକାର ଦେଇଛନ୍ତି । ଏହାବ୍ୟତିତ ସୁନ୍ଦରଗଡରେ ଏନଟିପିସି ଦ୍ୱାରା ଓ ରାଉରକେଲାରେ ସେଲ୍ ଦ୍ୱାରା ସୁପର ହସ୍ପିଟାଲ ତଥା ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣ କରି ଭାରତ ସରକାର ସ୍ୱାସ୍ଥ୍ୟସେବାରେ ବଡ ଭୂମିକା ନେଇଛନ୍ତି । କରୋନା ସମୟରେ ଏମସିଏଲ ଓଡ଼ିଶାର ତାଳଚେର, ଝାରସୁଗୁଡା, ଭୁବନେଶ୍ୱର ସମେତ ଅନେକ ସ୍ଥାରେ ୩୩୦ କୋଟି ଟଙ୍କା ଖର୍ଚ୍ଚ କରି ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବାରେ ବଡ ଦାୟିତ୍ୱ ନେଇଥିଲା । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋଦି ସରକାରଙ୍କ ନୀତି ତଥା ସଂସ୍କାର କାରଣରୁ ଅନୁଗୋଳରେ କୋଇଲା ଉତ୍ପାଦନ ବଢିବା ସହ ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଅର୍ଥନୀତି ମଜଭୁତ୍ ହେଉଛି । ଖଣି ସମୃଦ୍ଧ ଅଞ୍ଚଳ ଅନୁଗୋଳ ଗତ ୯ ବର୍ଷରେ ଓଡ଼ିଶାକୁ ୬୦ ହଜାର କୋଟି ଟଙ୍କା ରାଜସ୍ୱ ଆକାରରେ ଦେଇଛି । ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ଅଧିକରୁ ଅଧିକ ସୁବିଧା ଦେବା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି । ମୋଦି ସରକାର ଡିଏମଏଫର ବ୍ୟବସ୍ଥା ଦେଇଛନ୍ତି । ଓଡ଼ିଶାକୁ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ଏଯାବତ ମୋଟ ୨୩,୧୨୦ କୋଟି ଟଙ୍କାର ଅନୁଦାନ ମିଳିପାରିଛି । ଅନୁଗୁଳ ଜିଲ୍ଲା ପାଇଁ ଡିଏମଏଫରେ ଏଯାବତ ୨୫୦୦ କୋଟି ଟଙ୍କା ସଂଗ୍ରହ ହୋଇଛି । ଅନୁଗୋଳ ଜିଲ୍ଲାର ଲୋକଙ୍କ ପାଇଁ ପିଇବା ପାଣି, ସ୍ୱାସ୍ଥ୍ୟ ସୁବିଧା ସହ ପାଠପଢା ଓ ମୌଳିକ ସୁବିଧାର ବ୍ୟବସ୍ଥା କରିଛନ୍ତି ମୋଦି ସରକାର । ଆଗାମୀ ୨୫ ବର୍ଷରେ ବିକଶିତ ଭାରତ ପାଇଁ ମୋଦି କଳ୍ପନା କରିଛନ୍ତି । କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ଓଡ଼ିଶା ପ୍ରତି ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଓଡ଼ିଶା ସରକାର ଓ କୋଇଲା ଓ ଖଣି ମନ୍ତ୍ରୀ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ମହିଳା ହିଂସା ବିରୋଧୀ ଅଭିଯାନ

ଭଦ୍ରକ, ୦୮/୧୨ (ନି.ପ୍ର): ମିହିଳା ଓ ଶିଶୁ ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ, ଭଦ୍ରକ ମିଳିତ ଉଦ୍ୟମରେ ସ୍ଥାନୀୟ ମଠସାହିସ୍ଥିତ ଜାନକୀ ଦେବୀ ନର୍ସିଂ ସ୍କୁଲରେ ଜିଲ୍ଲା ବାଲ୍ୟ ବିହାହ ସଂଯୋଜକ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଅଶିମ୍ ଅମିତାଭ୍ ଦାସଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ସଦସ୍ୟା ଭାରତୀ ଦାଶ, ଅତିଥି ଭାବେ ଜାନକୀ ଦେବୀ ସ୍କୁଲର ଚେୟାର୍‌ମ୍ୟାନ୍ ହିଂମାଶୁ ଶେଖର ସାମଲ ଓ ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ ଯୋଗ ଦେଇ ମହିଳା ହିଂସା ବିରୋଧ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସଂଗେ ସଂଗେ ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡି ଭାବେ ଲାଗୁ କରିବା ପାଇଁ କହିଥିଲେ । ଏଥିରେ ଜାନକୀ ଦେବୀ ସ୍କୁଲର ନର୍ସିଂ ଛାତ୍ରଛାତ୍ରୀମାନେ ଯୋଗଦାନ କରିବା ସଂଗେ ସଂଗେ ବିଭିନ୍ନ ସ୍ଲୋଗାନ ଦେଇ ପୋଷ୍ଟର ପ୍ରଦର୍ଶନୀ କରିଥିଲେ । ପ୍ରକାଶ ଥାଉକି ମହିଳାହିଂସା ବିରୋଧୀ ଆଇନ୍ ଗତ ନଭେମ୍ବର ୨୫ ରୁ ଆରମ୍ଭ ହୋଇ ଆସନ୍ତା ଡ଼ିସେମ୍ବର ୧୦ ପର୍ଯ୍ୟନ୍ତ ଚାଲୁ ରହିବ ।



# ବସ୍ତାରେ ଯୋଗଦାନ କଲେ ନୂତନ ଏସଡିପିଓ ଅରୁଣ ସାହୁ

ବସ୍ତା, ୦୮/୧୨ (ନି.ପ୍ର): ବସ୍ତା ପୁଲିସ ଉପଖଣ୍ଡ ଅଧିକାରୀ ଭାବେ ଜଳନ୍ଧର ଜାଲୀଙ୍କ ପଦୋନ୍ନତି ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ସ୍ଥାନାନ୍ତରିତ ହେଲା ପରେ ଅସ୍ଥାୟୀ ଭାବେ ମାତ୍ର ୩ ମାସ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ ମାନସ କୁମାର ଦେଓ ।ମାତ୍ର ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟି ବସ୍ତା ପୁଲିସ ଉପଖଣ୍ଡ ଅଧିକାରୀ ଭାବରେ ନୂତନ ଭାବେ ଅରୁଣ କୁମାର ସାହୁ ଯୋଗଦାନ କରିଛନ୍ତି। କାର୍ଯ୍ୟ ଦକ୍ଷତା କ୍ଷେତ୍ରରେ ଶ୍ରୀ ସାହୁ



ଅନେକ ସୁନାମ ଅର୍ଜନ କରିଥିବା ବେଳେ ପୂର୍ବରୁ ବାଲେଶ୍ୱର ଜିଲ୍ଲାରେ ଏସ ଟି ଏଫ ରେ ନିର୍ଭୀକ ଏବଂ ସାହସିକତା ସହକାରେ କାର୍ଯ୍ୟ ତୁଲାଇଛନ୍ତି । ବସ୍ତା ଅଞ୍ଚଳରେ ଏପରି ଜଣେ ଦକ୍ଷ ଅଫିସର ପୁଲିସ ଏସ୍ଡିପିଓ ହୋଇ ଆସିଥିବାରୁ ବୁଦ୍ଧିଜୀବୀ ମହଲ ରୁ ପ୍ରଶଂସାର ସୁଅ ଛୁଟିଛି। ଅପରାଧ ଏବଂ ଅପରାଧୀଙ୍କୁ ଅଙ୍କୁଶ ଲଗାଇବା ଦିଗରେ ସବୁ ପ୍ରକାରର ପ୍ରୟାସ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଆଗାମୀ ଦିନରେ ବସ୍ତା ଅଞ୍ଚଳରେ ଅପରାଧ ଏବଂ ଅପରାଧୀଙ୍କୁ କୌଣସି ପ୍ରକାରର ପ୍ରଶ୍ରୟ ଦିଆଯିବ ନାହିଁ ଓ ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ସାହୁ କହିଛନ୍ତି।

# 'ମନା' ବୈଠକରେ ଓଡ଼ିଶାରେ ନିଶା ନିରାକରଣ ନିମନ୍ତେ ଚିନ୍ତା ପ୍ରକଟ

ବାଲେଶ୍ୱର, ୦୮/୧୨ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱର'ର ମାସିକ ବୈଠକ ଅନୁଷ୍ଠାନର ସଭାପତି ପ୍ରଭାକର ସାହୁଙ୍କ ଅଧକ୍ଷତାରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦିକା ମମତା ମହାପାତ୍ର ବୈଠକରେ ବାଲେଶ୍ୱରର ହେରିଟେଜ ରୋଡ଼ ଭାବରେ ଫାଣ୍ଡିଛକ ଠାରୁ ଆଇ.ଟି.ଆଇ ଛକ ପର୍ଯ୍ୟନ୍ତ ମଦ ଦୋକାନ ଖୋଲାଯିବାକୁ ବିରୋଧ କରି ବାଲେଶ୍ୱର ପୌରପାଳିକାର ଅଧକ୍ଷା ଓ ସମସ୍ତ କାଉନସିଲର ତାଙ୍କ କାଉନ୍‌ସିଲ୍‌ରେ ପ୍ରସ୍ତାବ ପାସ୍ କରାଇଥିବାରୁ ବୈଠକରେ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପାରାଦ୍ୱୀପ ଠାରେ ଦୁଇଶହ କୋଟିର କୋକେନ ଓ ଓଡ଼ିଶାରେ ମଦ ବ୍ୟବସାୟୀଙ୍କଠୁ ତିନିଶହ କୋଟିରୁ ଅଧିକ ଟଙ୍କା ଜବତ୍ ହେବା ବିଷୟରେ ବୈଠକରେ ଆଲାଚନା ହୋଇ ନିଶାର ଭୟାବହତା କେଉଁ ସ୍ତରରେ ପହଂଚିଲାଣି ସେଥିପାଇଁ ଜନସାଧାରଣ, ନିଶା ବିରୋଧରେ ଲଢୁଥିବା ବ୍ୟକ୍ତି ଓ ସଂଗଠନ ବିଶେଷ ଏବଂ ସର୍ବୋପରି ସରକାର ଗଭୀର ଭାବେ ଏହାର ନିରାକରଣ ନିମନ୍ତେ ଚିନ୍ତା କରିବାକୁ ବୈଠକରେ ଦାବି କରାଯାଇଥିଲା । ନିଶା ନିବାରଣ ସଚେତନତା ଶିବିର ତିନୋଟି ଉଚ୍ଚ ମାଧମିକ ବିଦ୍ୟାଳୟରେ ଚଳିତ




ମାସରେ ଆୟୋଜନ ହେବବୋଲି ସଂଯୋଜକ ଓ ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ସୂଚନା ଦେଇଥିଲେ । ବୈଠକରେ ସର୍ବଶ୍ରୀ ଉପଦେଷ୍ଟା ସୁବ୍ରତ କର, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ବେଣୁଧର ସାହୁ, କମଳାକାନ୍ତ ଦାଶ, ରମେଶଚନ୍ଦ୍ର ଜେନା, ସୀତାରାମ ପ୍ରଧାନ, ରବି ନାରୟଣ ଭୋଳ, ସନାତନ ଦାସ, ପ୍ରଭାକର ସାହୁ(ଖ), ମୀନା ସେଠୀ ଓ ବସନ୍ତ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ପ୍ରସନ୍ନ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ : ୧୭୯ ପ୍ରକଳ୍ପ ପ୍ରଦର୍ଶିତ

ଜଳେଶ୍ୱର , ୦୮/୧୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନଶିକ୍ଷା ଓ ତାର ବ୍ୟବହାରକୁ ବ୍ୟାପକ କରିବାଲାଗି ବିଦ୍ୟାଳୟ ମାନଙ୍କରେ ବିଜ୍ଞାନ ପ୍ରଦର୍ଶନୀ ମାନ ଅନୁଷ୍ଠିତ ହୋଇ ଆସୁଛି । ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଗୋପିମୋହନପୁର ପଂଚାୟତର ଛମୌଜ ମାଧବାନନ୍ଦ ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକରେ ଥିବା ୧୨୯ ବିଦ୍ୟାଳୟ ମାନଙ୍କରୁ ଆସିଥିବା ସିନିୟର ବିଭାଗରେ ୫୫ଜଣ, ଜୁନିୟର ବିଭାଗରେ ୮୧ଜଣ ଓ ସବ୍‌ଜୁନିୟର ବିଭାଗରେ ୪୩ଜଣ କୁନି ବୈଜ୍ଞାନୀକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱନୀ ପାତ୍ର ଉଦ୍‌ଘାଟନ କରିଥିଲେ । ଅନୁଷ୍ଠିତ ସଭାରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାଳିନ୍ଦିଚରଣ ସରେନ୍‌ଙ୍କ ସଭାପତିତ୍ୱ କରିଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ସମାଜସେବୀ ତଥା ସ୍ତମ୍ଭକାର ସୁଦର୍ଶନ ଦାସ, ଓଷ୍ଟା ଜିଲା ସଭାପତି ମନୋରଂଜନ ଦାସ, ବ୍ଲକ ବିଜ୍ଞାନ ସଂଯୋଜକ କୁଂଜ ବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନେ ବିଜ୍ଞାନପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କହିଥିଲେ ଶିକ୍ଷକ ନେତା ସୁକୁମାର ମିଶ୍ର ମଂଚ ଆହ୍ୱାନ କରିଥିବା ବେଳେ ସରୋଜ ପାଣିଗ୍ରାହୀ ବେଦପାଠ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଂଜରୀ ଦାସ, ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପକ କେଦାର ନାଥ ମହାନ୍ତି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ଧରଣୀଧର ପାତ୍ର, ପ୍ରାଚୀତନୟା ଗିରି, ବିଆର୍‌ସିସି ସୁଶାନ୍ତ ଜେନା, ସହକାରୀ ଗୋଷ୍ଠିଶିକ୍ଷାଧିକାରୀ ଅଜୟ ଜେନା, ଜ୍ୟୋସ୍ନାରାଣୀ ପ୍ରଧାନ, ସିଆର୍‌ସିସି ମିନା ପରିଡା ପ୍ରମୁଖ ଯୋଗ ଦେଇ ଜିଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିବା ୫ଜଣ କୁନି ବୈଜ୍ଞାନୀକଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟାପକ ସୁକୁମାର ଦାସ, ଗଣେଶ ଆଚାର୍ଯ୍ୟ, ସମରକୁମାର ଜେନା, ଗୌରଗୋପାଳ ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଏଥିରେ ରାଜନଗର ୟୁପି ସ୍କୁଲର ପ୍ରିୟଦର୍ଶନୀ ମହାନ୍ତି, ନିଗମାନନ୍ଦ ହାଇସ୍କୁଲର ଜିଜ୍ଞାସା ପାଠୀ, ଝାଡପିମ୍ପଳ ହାଇସ୍କୁଲର ବର୍ଷାରାଣୀ ଅଣ୍ଡିଆ, ମୁଣ୍ଡୁତୁଣିଆ ହାଇସ୍କୁଲର ପୂର୍ଣ୍ଣିମା ପାଳ ଓ କୁଆଁରପୁର ହାଇସ୍କୁଲର ଦେବଶ୍ରୀ ଘୋଷ ଯୋଗ୍ୟ ବିବେଚିତ ହୋଇ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି ।

# ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ନୂତନ ଶାଖା କମିଟି ଗଠିତ

ବାଲେଶ୍ୱର, ୦୮/୧୨ (ନି.ପ୍ର): ପୁରୁଣା ବାଲେଶ୍ୱର ଅଞ୍ଚଳର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ସଦସ୍ୟାମାନଙ୍କୁ ନେଇ ଶୁକ୍ରବାର ଦିନ ପରମିଟ୍ ଘାଟ ନିକଟରେ ଏକ ବୈଠକ ଜତିନ୍ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ଆମେ କେତେ ଜଣ' ସଂଗଠନ ପକ୍ଷରୁ ଏହି ବୈଠକ ଆହ୍ୱାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ କ୍ରିୟାନୁଷ୍ଠାନ କମିଟିର ସଭ୍ୟ/ସଭ୍ୟାମାନଙ୍କୁ ନେଇ ଐତିହାସିକ ସ୍ଥାନ 'ପରମିଟ୍ ଘାଟ ଶାଖା କମିଟି'ନାମରେ ଏକ କମିଟି ଗଠନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। କ୍ରିୟାନୁଷ୍ଠାନ କମିଟିର ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂତନ ଶାଖା କମିଟି ସଭାପତି ଭାବେ ଆଲୋକ ରଂଜନ ଦାସ, ଉପସଭାପତି ବସନ୍ତ କୁମାର ପଣ୍ଡା, ଶାଖା ସଂପାଦକ ବ୍ରଜମୋହନ ମାଝୀ, ସହ ସଂପାଦିକା ରଞ୍ଜିତା ମହାନ୍ତି ଓ କୋଷାଧକ୍ଷ ଭାବେ ପ୍ରଶାନ୍ତ ବେହେରାଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଛଅଜଣଙ୍କୁ କାର୍ଯ୍ୟକାରୀ କମିଟିକୁ ମନୋନୀତ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାପତି ନିରଞ୍ଜନ ପରିଡ଼ା, ଉପସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟଙ୍କ ସମେତ ଶ୍ୟାମସୁନ୍ଦର ଜେନା ଓ ବନ୍ଦନା ପାତ୍ର ପ୍ରମୁଖ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠାରେ ବାଲେଶ୍ୱରବାସୀଙ୍କ ଅବଦାନକୁ ସ୍ମରଣ କରାଇ ଏହାକୁ ପୂର୍ଣ୍ଣାଙ୍ଗ କରିବାରେ ଅଧିକ ସହଯୋଗର ଆବଶ୍ୟଖତା ସଂପର୍କରେ ସୂଚନା ଦେଇଥିଲେ। ଚଳିତ ଡିସେମ୍ବର ମାସ ୧୬ ତାରିଖ ଦିନ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ନୂତନ ଶାଖା କମିଟିର ସଦସ୍ୟ, ସଦସ୍ୟାଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ଆସନ୍ତା ସମ୍ମିଳନୀରେ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ଜିଲ୍ଲା କର୍ମକର୍ତ୍ତା ସୂଚନା ଦେଇଥିଲେ। ଏହି ବୈଠକରେ ସର୍ବଶ୍ରୀ ପ୍ରଶାନ୍ତ ମହାନ୍ତି, ପ୍ରହଲ୍ଲାଦ ବାରିକ, ଶିବଶଙ୍କର ବାରିକ, ରମେଶ ଚନ୍ଦ୍ର ବେହେରା ଓ ପ୍ରଦୀପ ଦତ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ତାପସ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ମିତ୍ରପୁର ଜଗଦ୍ଧାତ୍ରୀ ମହୋତ୍ସବ ଉଦ୍‌ଯାପିତ



ନିଳଗିରି, ୦୮/୧୨ (ନି.ପ୍ର): ନିଳଗିରି ଉପଖଣ୍ଡ ମିତ୍ରପୁରଠାରେ ସବୁ ବର୍ଷ ପରି ଚଳିତବର୍ଷ ମହା ସମାରୋହରେ ଜଗଧାତ୍ରୀ ମହୋତ୍ସବ ଉଦଯାପିତ ହୋଇଛି। ୫ଦିନ ଧରି ଅନୁଷ୍ଠିତ ଜଗଦ୍ଧାତ୍ରୀ ମହୋତ୍ସବରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ଶହଶହ ଦୋକାନୀ ନିଜର ବ୍ୟବସାୟ ଖୋଲିଥିଲେ। ପ୍ରତିଦିନ ସଂଧ୍ୟାରେ ଅତିଥି ମାନେ ମଞ୍ଚାସୀନ ରହି ପାଳନ କରାଯାଉଥିବା ମହୋତ୍ସବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ସଂସ୍କୃତି, ଭାଷା ସାହିତ୍ୟ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, କଂଗ୍ରେସ ଦଳର ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ ,ବିଜେଡି ରାଜ୍ୟସମ୍ପାଦକ ଶଶି ସାହୁ,ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନମୋହନ ମାଝୀ, ଜିଲ୍ଲା ବିଜେଡ଼ି ଉପସଭାପତି ସନ୍ତୋଷ ଖଟୁଆ,ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନଏସି ଅଧକ୍ଷା ଅମ୍ବିକା ଦାସ, ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ଯୁବବିଜେଡ଼ି ସଭାପତି ତାପସ ପରିଡ଼ା, ବ୍ଲକ୍ ଯୁବ ବିଜେଡ଼ି ସଭାପତି ଧୀରେନ୍ଦ୍ର ଲେଙ୍କା,ନିରଞ୍ଜନ ଲେଙ୍କା,ବଚୁ ଲେଙ୍କା ପ୍ରମୁଖ ମଞ୍ଚାସିନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ମହୋତ୍ସବରେ ହଜାରହଜାର ଅଞ୍ଚଳବାସୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ବିଭିନ୍ନ ପ୍ରକାରର ଘର ସାମଗ୍ରୀ କିଣିବା ସହ ଦୋଳିର ମଜା ନେଇଥିଲେ।

# ୬୧ତମ ଗ୍ରାମରକ୍ଷୀ ଦିବସ ପାଳିତ

ଖୋର୍ଦ୍ଧା, ୦୮/୧୨ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ ତରତୁଆ ରିର୍ଜଭ ଅଫିସ ପଡିଆରେ ୬୧ତମ ଗ୍ରାମରକ୍ଷୀ ଦିବସ ପାଳନ କରାଯାଇଛି । ମୁଖ୍ୟ ଅତିଥିଭାବେ ଏସପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ରାଜ୍ୟପାଳ ଓ ପୁଲିସ ମହାନିଦ୍ରେଦଶକଙ୍କ ବାର୍ତା ପଠନ କରିଥିଲେ । ଆଇନଶୃଖଳା ରକ୍ଷା ପାଇଁ ଏବଂ ବିଭିନ୍ନ ଆତଙ୍କରାଜକୁ ଦମନ କରିବା ପାଇଁ ଗ୍ରାମରକ୍ଷୀ ବାହିନୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ୬ଷ୍ଠ ଆଇଆରବି ବାଟାଲିଅନ କମାଣ୍ଡାଟଂ ବସନ୍ତ ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଡିଏସ୍ପି ସୁଜିତ ପଣ୍ଡା, ମୀନାକ୍ଷୀ ଠାକୁର, ଅନୀଲ ମହାନ୍ତି, ନିରୁପମା ମଲିକ, ପ୍ରଶାନ୍ତ କୁମାର ମାଝୀ, ଏସଡିପିଓ (ଖୋର୍ଦ୍ଧା)ଦିଲିପ କୁମାର ଦାସ, ଆଦର୍ଶଥାନା ଅଧିକାରୀ, ସଦରଥାନା ଅଧିକାରୀଙ୍କ ସମେତ ବହୁ ପୁଲିସ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୋଭାରାମପୁରରେ ଗ୍ରାମଦେବତୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ବାଲେଶ୍ୱର, ୦୮/୧୨ (ନି.ପ୍ର): ବାଲେଶ୍ୱର ପୌରାଞ୍ଚଳର ୨୦ ନମ୍ବର ୱାର୍ଡ଼ର ଅଧିନରେ ଥିବା ଶୋଭାରାମପୁର ଗ୍ରାମରେ ଦୀର୍ଘବର୍ଷ ଧରି ପୂଜା ପାଇଆସୁଥିବା ମା' ବୁଢ଼ୀ କାଳନ୍ଦ୍ରି ଠାକୁରାଣୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଗୁରୁବାର ମଧାହ୍ନରେ 'ଭୂମିପୂଜନ' କାର୍ଯ୍ୟ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଛି। ମନ୍ଦିର ପୂଜକ ପଣ୍ଡିତ ହୃଷିକେଶ ପାଢ଼ୀ ପାରଂପରିକ ନୀତିରୀତିରେ ପୂଜାର୍ଚ୍ଚନା ସହ ଭୂମିପୂଜନ କାର୍ଯ୍ୟ ସଂପାଦନ କରିଥିଲେ। ସ୍ଥାନୀୟ କାଉନସିଲର ନିରୁପମା ଦାଶ, ପୂର୍ବତନ କାଉନସିଲର କୈଳାସ ବିହାରୀ ଦାଶ, ବିଳାସିନୀ ବେହେରାଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ମଞ୍ଜୁରୀ ହୋଇଥିବା ୫ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ବାଲେଶ୍ୱର ସଦର ପଞ୍ଚାୟତ ସମିତି ତତ୍ତ୍ୱାବଧାନରେ କରାଯିବ। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଉମାକାନ୍ତ ପଡ଼ିଆରୀ, ଅଶୋକ ଦାଶ, ନରସିଂହ ରାଉତ, ପ୍ରମୋଦ ଦାଶ, ତରୁଣ ରାଉତ, ଗୋପାଳକୃଷ୍ଣ କର, ଜୟନ୍ତ ଦାଶ, ଧନୁର୍ଜୟ ବାରିକ, ଶୈଳେନ୍ଦ୍ର ଦାଶ, ସମରେନ୍ଦ୍ର ଦାଶ, ସୁଶାନ୍ତ ବାରିକ, ମନୋଜ ଦାଶ, ଜୟଦ୍ରଥ ମିଶ୍ର ଓ କବିତା ଦାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ମନ୍ଦିରର ପୁନଃ ନିର୍ମାଣ ପାଇଁ ଦୀର୍ଘଦିନର ପ୍ରଚେଷ୍ଟା ସଫଳ ହେବାକୁ ଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତାଲିକା ଘୋଷିତ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ପ୍ରସ୍ତାବକ୍ରମେ ଓଡ଼ିଶା ପିସିସି ସଭାପତି ଶରତ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟି, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ବ୍ଲକ/ ନଗର କଂଗ୍ରେସ କମିଟି ସଭାପତି ମାନଙ୍କର ନାମ ଅନୁମୋଦନ କରିଛନ୍ତି। ଏହି କମିଟିରେ ଉପସଭାପତି ଭାବରେ ପ୍ରଶାନ୍ତ କୁମାର ସ୍ୱାଇଁ, ନିକୁଞ୍ଜ ବିହାରି ମିଶ୍ର, ଦେବେନ୍ଦ୍ର ନାଥ ନାୟକ, ସୁରଥ ଚନ୍ଦ୍ର ସାହୁ, ଗୌରହରି ନାୟକ, ବସନ୍ତ କୁମାର ଦାସ ଓ ଶ୍ରୀମତୀ ମିନତୀ ନାୟକ ରହିଥିବା ବେଳେ କୋଷାଧକ୍ଷ ଭାବରେ ଲଳିତ ମୋହନ ନାୟକ ରହିଛନ୍ତି।

# ଭାଦୁଶୋଳ ମିନି ଷ୍ଟାଡିୟମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବାରିପଦା , ୦୮/୧୨ (ନି.ପ୍ର): ବଡସାହି ବ୍ଲକର ଲକ୍ଷ୍ମଣସାହି ଗ୍ରାମପଂଚାୟତ ଅନ୍ତର୍ଗତ ଭାଦୁଶୋଳ ବିର୍ସା ମୁଣ୍ଡା ଯୁବକ ସଂଘ ଆନୁକୁଲ୍ୟରେ ଏକ ଦୁଇଦିନିଆ ଫୁଟବଲ ୍ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥୀ ଭାବେ ଭାରତ ମୁଣ୍ଡା ସମାଜ ଓଡିଶା ଶାଖାର ସଭାପତି ଓ ଭାରତୀୟ ରାଜସ୍ୱ ସେବାର ଅବସରପ୍ରାପ୍ତ ଅଧିକାରୀ ରବିନ୍ଦ୍ରନାଥ ସିଂହ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବାସହ ଚମ୍ପିଆନ୍ ଓ ରନସ୍ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ଅନ୍ୟ ଅତିଥୀ ମାନଙ୍କ ମଧ୍ୟରୁ ସମାଜସେବୀ ଇଂ ଗିରିଶ ହେମ୍ବ୍ରମ୍ , ମୁଖ୍ୟ ବକ୍ତା ଭାବରେ , ସମ୍ମାନୀୟ ଅତିଥୀ ଚଳଚିତ୍ର ପ୍ରଡ୍ୟୁସର ଶୁଭେନ୍ଦୁ ସାହୁ , ଭାରତ ମୁଣ୍ଡା ସମାଜର ରାଜ୍ୟ ଯୁବଶାଖା ସଭାପତି ସବରନ୍ ସିଂ , ଲକ୍ଷ୍ମଣସାହି ଗ୍ରା.ପର ସରପଂଚ ଚାନ୍ଦମଣୀ ସିଂହ , ସମିତି ସଭ୍ୟ ସୁନିଲ୍ କୁମାର ଟୁଡୁ , ପୁର୍ବତନ ସରପଂଚ ଶିବଶଙ୍କର ସିଂହ, ଅନୁଷ୍ଠାନର ସଭାପତି ତାପସ କୁମାର ସିଂହ , ପୁର୍ବତନ ସଭାପତି ଏବଂ ବର୍ତମାନର ଉପଦେଷ୍ଟା ନନ୍ଦେ ସିଂହ , ଉପସଭାପତି ଘାସିରାମ ସିଂ, ସମ୍ପାଦକ ଶୁକଲାଲ ସିଂ, ସହ ସମ୍ପାଦକ ସୁନ୍ଦର ସିଂ, ମଂଚ ପରିଚାଳକ ପ୍ରଶାନ୍ତ କୁମାର ସିଂହ , କମେଟେଁର ଓ ନାଉପାଳ ପଂଚାୟତର ସଂଭ୍ୟ ରୋହିଦାସ ସିଂହ ଓ ସମସ୍ତ ସଭ୍ୟ /ସଭ୍ୟାଙ୍କ ଗହଣରେ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଥିଲେ। ଏହି ଫୁଟବଲ ପ୍ରତିଯୋଗୀତାରେ ଜେ.ଏଫ୍.ଏ ପୋଟକା ଦଳ ଚମ୍ପିଆନ୍ ଓ ମହାକାଳ ଏଫ୍ .ସି ଦ୍ୱିତୀୟ ସ୍ଥାନ ପାଇଥିଲେ ।



# ବିଭିନ୍ନ ସମସ୍ୟା ନେଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ବସ୍ତା ବିଜେପି ପ୍ରତିନିଧି ଦଳ

ବସ୍ତା, ୦୮/୧୨ (ନି.ପ୍ର): ଅଞ୍ଚଳରେ ବିଭିନ୍ନ ଆଇନ ଶୃଙ୍ଖଳା ବେବସ୍ତା,ଚୋରା ମଦ ର ବ୍ୟାପକ କାରବାର ,ବେଆଇନ ଗୁରୁ ଚାଲାଣ ,ଚାନ୍ଦା ଆଦାୟ ପ୍ରବୃତ୍ତି ବିଭିନ୍ନ ସମସ୍ୟାକୁ ନେଇ ଆଜି ଅପରାହ୍ନରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ବାଲେଶ୍ୱର ର ଆରକ୍ଷୀ ଅଧିକ୍ଷକ ସଗରିକା ନାଥ କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ । ବିଜେପି ର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା , ଯୁବମୋର୍ଚ୍ଚା ବସ୍ତା ମଣ୍ଡଳ ସଭାପତି ଧିରେନ୍ କୁମାର ସେଠୀ ,କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି ସୁର୍ଯ୍ୟ ନାରାୟଣ ସାହୁ ,ଧ୍ରୁବଚରଣ ସାହୁ, ଓବିସି ମୋର୍ଚ୍ଚା ସଭାପତି ରମେଶ ରାଉଳ ,ବସ୍ତା ମଣ୍ଡଳ ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ,ବସ୍ତା ମଣ୍ଡଳ ମିଡ଼ିଆ ସଂଯାଜକ ନିଧିଆ ମାରାଣ୍ଡି ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରି ଗରିବ ଜନସାଧାରଣ ଯେମିତି ନ୍ୟାୟ ପାଇବାରୁ ବଞ୍ଚିତ ନହେବ ଏବଂ ଗୋ ମାତାଙ୍କ ସୁରକ୍ଷା ହୋଇପାରିବ ସେଥିପାଇଁ ବିଭିନ୍ନ ପରାମର୍ଶ ଓ ଦାବି ଉପସ୍ଥାପନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo